ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ନଭେମ୍ବର ୧୬

# ବାଳବିକାଶ ଗୁରୁ ରାଷ୍ଟ୍ରର ସଂପତି


ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ଯୁଗେ ଯୁଗେ ଅବତାର ତାଙ୍କ ଅବତରଣର ଉଦ୍ଦେଶ୍ୟ ସାଧିତ କରିବାକୁ ଆସିଥାଆନ୍ତି ଏବଂ ଅନେକ କୃପା ସିକ୍ତ ବ୍ୟକ୍ତି ତାଙ୍କ ଦିବ୍ୟ ମିଶନର ଆୟୁଧ ସାଜି ଥାଆନ୍ତି । କଳିଯୁଗ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କ ଧର୍ମ ସଂସ୍ଥାପନ,ବେଦ ଉଦ୍ଧାରଣ, ବିଦ୍ୱତ୍ ପୋଷଣ,ଭକ୍ତ ସଂରକ୍ଷଣ ଏହି ପ୍ରମୁଖ ଅବତାରୀୟ ଉଦ୍ଦେଶ୍ୟ ମଧ୍ୟରେ ଧର୍ମ ସଂସ୍ଥାପନର ଦିବ୍ୟ ମିଶନରେ ମୁଖ୍ୟ ଭୂମିକା ରହିଛି ଶ୍ରୀ ସତ୍ୟସାଇ ବାଳବିକାଶର । ଶିଶୁକୁ ମୂଲ୍ୟବୋଧ ମନ୍ତ୍ରରେ ଅଭିମନ୍ତ୍ରିତ କରି ରାଷ୍ଟ୍ରକୁ ଉତ୍ତମ ବ୍ୟକ୍ତିତ୍ୱର ସନ୍ତାନ ଉପହାର ଦେଉଛନ୍ତି ବାଳବିକାଶ ଗୁରୁ । ଆଜି ସମାଜର ବିବିଧ କ୍ଷେତ୍ରରେ ସେମାନେ ନିଜ ପରାକାଷ୍ଠା ଦେଖାଇ, ଉତ୍କର୍ଷତା ପ୍ରତିପାଦିତ କରି ସମାଜ ପାଇଁ,ଦେଶ ପାଇଁ ଆଶାର ଆଲୋକ ସାଜିଛନ୍ତି, ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟି ଯାଇଛନ୍ତି ଏବଂ ରାଷ୍ଟ୍ର ସେବାର ମହା ସ୍ରୋତରେ ନିଜକୁ ସମ୍ମିଳିତ କରି ଚାଲିଛନ୍ତି ।

କେତେ ଜନ୍ମର ପୂଣ୍ୟ 'ରେ ବାଳବିକାଶ ଗୁରୁ ହେବାର ଗୁରୁ ଭାର ଭଗବାନ ପ୍ରଦାନ କରିଥାଆନ୍ତି । ପ୍ରତି ମୁହୂର୍ତ୍ତରେ ଦିବ୍ୟ ପ୍ରେମକୁ ଅନୁଭବ କରି ଚାଲିଥାଏ ଗୁରୁଙ୍କର ପ୍ରତି ହୃଦ୍ ସ୍ପନ୍ଦନ । ଧର୍ମ ସଂସ୍ଥାପନାର ଦିବ୍ୟ ମିଶନରେ ସାଇ ବଗିଚାର ଟିକି କଳିକାଙ୍କ ପ୍ରସ୍ଫୁଟନର ଅପୂର୍ବ ଦାୟିତ୍ୱ ପ୍ରଭୁ କେତେ ବିଶ୍ୱାସରେ ଟେକି ଦେଇଛନ୍ତି ବାଳବିକାଶ ଗୁରୁଙ୍କ ହାତରେ,ଗୁରୁ ଉପାଧିରେ ଭୂଷିତ କରି । ସେଦିନ ଦିବ୍ୟ ହସ୍ତରେ ବପନ କରିଥିବା ବୀଜ ଆଜି ପ୍ରେମର ଜଳ ସିଂଚନରେ ପ୍ରସ୍ଫୁଟିତ,ବିକଶିତ ତଥା ସୁଗନ୍ଧିତ ।

୧୯୬୯ ମସିହାରେ ଭଗବାନ "ବାଳ ବିହାର"ର ଶୁଭାରମ୍ଭ କରିଥିଲେ ଏବଂ ଏହାର ଦାୟିତ୍ୱ ମହିଳା ବିଭାଗକୁ ଦେଇଥିଲେ । ସେ ଚାହୁଁଥିଲେ, ଏ ଦେଶର ଶିଶୁ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ଜାଣୁ, ଗପ, ଗୀତ ନାଚ, ଖେଳ ମଧ୍ୟରେ ମୂଲ୍ୟବୋଧର ଅଭ୍ୟାସ କରୁ, ରାମାୟଣ ମହାଭାରତର କାହାଣୀ ଶୁଣୁ, ମାଆର ପ୍ରେମଭରା ସ୍ପର୍ଶରେ ପ୍ରେମଭରା ପରିବେଶରେ ସେ ବଢୁ, ସ୍ୱଦେଶ ପ୍ରୀତି ତା ଭିତରେ ବଢୁ।୧୯୭୧ ମସିହାରେ ଭଗବାନ ବାବା ଏହାକୁ "ଶ୍ରୀ ସତ୍ୟସାଇ ବାଳବିକାଶ"ନାମରେ ନାମିତ କଲେ ଯେଉଁଠି ଶିଶୁର ୯ ବର୍ଷର ଶିକ୍ଷା ଗ୍ରହଣ ମଧ୍ୟରେ ଶାରୀରିକ,ମାନସିକ,ବୌଦ୍ଧିକ,ଆବେଗିକ ଏବଂ ଆତ୍ମିକ ବିକାଶ ସାଧିତ ହୋଇଥାଏ ଏବଂ ଜୀବନକୁ ସାର୍ଥକ କରେ । ଗୁରୁ କେବଳ ଶିକ୍ଷା ଦିଅନ୍ତିନି, ନିଜ ଜୀବନରେ ପାଳନ କରନ୍ତି । ମାଆ ଚଢ଼େଇ ଯେମିତି ଖାଦ୍ୟକୁ ଚୋବେଇ କଅଁଳ କରି ନିଜ ଶିଶୁ ଶାବକକୁ ଖାଇବାକୁ ଦିଏ ବାଳବିକାଶ ଗୁରୁ ତାଙ୍କ ଉପଦେଶକୁ ନିଜ ଜୀବନରେ ଆଚରଣରେ ଦେଖାଇ ଶିଶୁ ପାଇଁ ପ୍ରେରଣାର ଉତ୍ସ ହୋଇଯାଆନ୍ତି ।

ମନେ ପଡେ ୧୯୭୯ ମସିହାର ସେହି ସର୍ବ ଭାରତୀୟ ସମ୍ମିଳନୀରେ ଭଗବାନଙ୍କ ଦିବ୍ୟ ସମ୍ଭାଷଣ । କେତେ ପ୍ରେମର ସହ ଅତି ଆପଣାର ବାଳବିକାଶ ଗୁରୁଙ୍କୁ ସଗର୍ବେ କହିଥିଲେ, "ବାଳବିକାଶ ଗୁରୁ ମୋର ସଂପତ୍ତି ତଥା ରାଷ୍ଟ୍ରର ସଂପତ୍ତି ।" ସେହି ପଦିଏ କଥା, ସହସ୍ର ଏକ ନିଷ୍ଠ, ତ୍ୟାଗ ତପସ୍ୟା, ନିର୍ମଳ ନିଃସ୍ୱାର୍ଥ ପ୍ରେମର ଧରୋହର ବାଳବିକାଶ ଗୁରୁଙ୍କ ଏକମାତ୍ର ପୁଞ୍ଜି ଏବଂ ରାଷ୍ଟ୍ର କୋଣାର୍କର ନିର୍ମାଣରେ ନିର୍ଲିପ୍ତ ଭାବରେ ତାଙ୍କୁ ବ୍ରତୀ କରି ପାରିଛି ।

୧୯୯୪ ମସିହା ବୃନ୍ଦାବନ, ବାଙ୍ଗାଲୋର ସର୍ବ ଭାରତୀୟ ଗୁରୁ ସମ୍ମିଳନୀର ମାହେନ୍ଦ୍ର ବେଳା । ସାରା ଭାରତ ବର୍ଷରୁ ଆସି ଏକତ୍ରିତ ହୋଇଥିବା ବାଳବିକାଶ ଗୁରୁ ପଞ୍ଜିକରଣ ମାଧ୍ୟମରେ କିଛି ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ । ଭଗବାନଙ୍କ ମାତୃ ହୃଦୟ ବିଳପି ଉଠିଥିଲା । ସେସବୁ ଅର୍ଥକୁ ଦେଇ ଦେବାକୁ କହି ସେ କହିଥିଲେ, 'ମୋ ସନ୍ତାନମାନେ ତାଙ୍କ ମାଆ ଘରକୁ ଆସିଛନ୍ତି ପରା' । ସେହି ଅମୃତୋପମ ମାତୃ ପ୍ରେମ ପାଇଁ ଆଜି ପ୍ରତି ଗୁରୁଙ୍କ ଜୀବନ ଧନ୍ୟ । ପ୍ରଭୁ ଆମର ମାତା,ପିତା ବନ୍ଧୁ, ସଖା ସବୁ କିଛି । ସେଦିନ, ବର୍ତ୍ତମାନର ଜାତୀୟ ଶିକ୍ଷା ସଂଯୋଜିକା,ବାଳବିକାଶ ଗୁରୁ ଶ୍ରୀମତୀ କମଳା ପାଣ୍ଡିଆଙ୍କ ବିବାହ ଉତ୍ସବର ଆୟୋଜନ ନିଜେ ଶ୍ରୀ ସତ୍ୟସାଇ ବାବା କରୁ ଥାଆନ୍ତି । ଭାବ ବିହ୍ୱଳିତ ହୋଇ ଶ୍ରୀମତୀ ପାଣ୍ଡିଆ କହି ଉଠିଲେ,'ପ୍ରଭୁ ମୋ ଭଳି ଜଣେ ସାମାନ୍ୟ ମନୁଷ୍ୟ ପାଇଁ ଆପଣ ଏତେ ଶ୍ରମ କାହିଁକି କରୁଛନ୍ତି" । ସଙ୍ଗେ ସଙ୍ଗେ ପ୍ରଭୁ ଉତ୍ତର ଦେଇଥିଲେ "ତୁ ମୋର ବାଳବିକାଶ କାମରେ ଲାଗିଛୁ, ମୁଁ କଣ ତୋ ପାଇଁ ଏତିକି କରି ପାରିବି ନି' । 'ମୋର ବାଳବିକାଶ' ଏଥିରୁ ଜଣା ପଡେ ପ୍ରଭୁଙ୍କ ତାହା କେତେ ପ୍ରିୟ । ବାଳବିକାଶ ତାଙ୍କ ହୃଦୟ, ବାଳବିକାଶ ଗୁରୁ ତାଙ୍କର ଅତି ପ୍ରିୟ ଆଉ ସେ ସହସ୍ର ବାଳବିକାଶ ଗୁରୁଙ୍କ ପ୍ରାଣ ଧନ ।ବାଳବିକାଶର ପିଲା ଗୁରୁଙ୍କ ପ୍ରେମ ସନ୍ତାନ ଯେଉଁଠି ତୋର ମୋର ସଂପର୍କର ବହୁ ଉର୍ଦ୍ଧ୍ୱରେ ସମସ୍ତେ ଅତି ଆପଣାର ଏବଂ ସମସ୍ତଙ୍କ ପ୍ରତି ଗୁରୁ ସମାନ ବ୍ୟବହାର ପ୍ରଦର୍ଶିତ କରିଥାନ୍ତି ।

ଭଗବାନ୍ ସବୁବେଳେ ପାଖେ ପାଖେ ଥିବାର ଅନୁଭବ ପ୍ରଦାନ କରି ନିଜେ ହିଁ ଏହି ଗୁରୁ ଭାର ବହନ କରିଛନ୍ତି । ଗୁରୁଙ୍କୁ ନିମିତ କରିଛନ୍ତି ,ଏହା ତାଙ୍କର ଅନାବିଳ ଦିବ୍ୟ ପ୍ରେମ । କେତେବେଳେ ନିଜେ ଗୁରୁଙ୍କ ହୃଦୟ ମାନସରେ ନୂଆ ନୂଆ ଚିନ୍ତନର ନିର୍ଝର ରୂପେ ପ୍ରତିଭାତ ହେଉଛନ୍ତି ତ କେତେବେଳେ ଗୁରୁଙ୍କ ପ୍ରତିଟି ନିର୍ମଳ ପ୍ରାର୍ଥନାର ପ୍ରତ୍ୟୁତର ଦେଇ ଆସୁଛନ୍ତି, ପୁଣି କେତେବେଳେ ବାଳବିକାଶ ଗୁରୁଙ୍କ ବ୍ୟାକୁଳତା ଓ ବିବଶତାକୁ ବୁଝି ନିଜେ ହିଁ ସଶରୀରେ ଆସି କ୍ଲାସ୍ ଟି ନେଇ ପ୍ରିୟ ବାଳବିକାଶ ପିଲାଙ୍କ ଉପରେ ଅଜସ୍ର କୃପା ବର୍ଷା କରୁଛନ୍ତି ଏବଂ ଗୁରୁଙ୍କୁ ପ୍ରତି ମୁହୂର୍ତ୍ତରେ ଏହି ଅନୁଭବ ପ୍ରଦାନ କରୁଛ "ବଙ୍ଗାରୁ, ମୁଁ ଥାଉ ଥାଉ ଭୟ କାହିଁକି ? ଶ୍ରୀ ସତ୍ୟସାଇ ବାବା କହିଛନ୍ତି," ବାଳ ବିକାଶ ଗୁରୁ ମୋ ସହ ସିଧା ବାର୍ତ୍ତାଳାପ କରି ପାରିବେ ।" ତାଙ୍କ ଅଭୟ ବରଦ ହସ୍ତର ଛତ୍ର ଛାୟା ତଳେ ଥିବା ନିର୍ଭୟ, ଭାବପୂର୍ଣ୍ଣ ହୃଦୟରେ ସଦା ଅନୁରଣିତ ହେଉଛି ଦିବ୍ୟ ବାଣୀର ଝଙ୍କାର ।

ଭଗବାନ କହିଛନ୍ତି, ବାଳବିକାଶ ପିଲା ରୂପରେ ତୁମ ପାଖକୁ ଆସୁଥିବା ସାଇରାମଙ୍କ ସେବାରେ ନିଜକୁ ହଜେଇ ଦିଅ ଏବଂ ଶ୍ରୀରାମଙ୍କ ଦର୍ଶନରେ ଶବରୀ ଯେଉଁ ଆନନ୍ଦର ଅଧିକାରୀ ହୋଇଥିଲେ ତୁମେ ମଧ୍ୟ ସେହି ଆନନ୍ଦର ଅଧିକାରୀ ହୁଅ । ଆଃ, କି କରୁଣା । ଟିକି କଳିକାଙ୍କ ରୂପରେ ନିଜେ ଗୁରୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆନନ୍ଦ ବର୍ଦ୍ଧନ କରୁଛନ୍ତି ପୁଣି ନିଜେ ଗୁରୁ ଭାର ବହନ କରି ଗୁରୁ ଓ ଶିଷ୍ୟ ଉଭୟଙ୍କୁ ରୂପାନ୍ତରଣର ପଥେ ଘେନି ଯାଉଛନ୍ତି । ଭଗବାନଙ୍କ ସର୍ବୋତ୍କୃଷ୍ଟ ଚମତ୍କାରିତା ହେଉଛି,ତାଙ୍କର ରୂପାନ୍ତରଣର କଳା । ପିଲାଙ୍କ ଭିତରେ ମାନବୀୟ ମୂଲ୍ୟବୋଧର ବୀଜ ବପନରେ,ତାଙ୍କୁ ଗଢିବାର ପ୍ରୟାସରେ, ଟିକି କଳିକା ମଧ୍ୟରେ ପୂର୍ଣ୍ଣ ବିକଶିତ ହେବାର ସମ୍ଭାବନାକୁ ଅନୁଭବ କରିବା ମଧ୍ୟରେ ଗୁରୁ ନିଜକୁ ହିଁ ରୂପାନ୍ତରଣର ଧାରାରେ ପାଉଛନ୍ତି । ବାଳବିକାଶକୁ ଜୀବନର ଆଧାର ତଥା ଜୀବନର ଶୈଳୀ ରୂପରେ ପ୍ରଦାନ କରି ଭଗବାନ ନିଜେ ହିଁ ଜୀବନ ଆଧାର ହୋଇ ଯାଇଛନ୍ତି ଏବଂ ଶ୍ରୀ ସତ୍ୟସାଇ ବାଳବିକାଶ ହିଁ ପାଲଟିଛି ଗୁରୁଙ୍କ ଜୀବନ ସଙ୍ଗୀତ ।

ଯେତେବେଳେ ଶ୍ରୀମତୀ କମଳା ପାଣ୍ଡିଆଙ୍କୁ ଶ୍ରୀ ସତ୍ୟସାଇ ବାବା ପଚାରୁଛନ୍ତି, "ତୋର କେତୋଟି ପିଲା" ଏବଂ ନବ ବିବାହିତା ଶ୍ରୀମତୀ ପାଣ୍ଡିଆ ନାସ୍ତି ବାଚକ ଉତ୍ତର ବା ନିରୁତ୍ତର ପ୍ରାୟ ହେଉଛନ୍ତି ଭଗବାନ ସମ୍ମୁଖରେ ଥିବା ହଜାର ହଜାର ପିଲାଙ୍କୁ ଦେଖାଇ କହୁଛନ୍ତି,"ତାହେଲେ ଏମାନେ ସମସ୍ତେ କିଏ ?" ବାଳବିକାଶ ପିଲା ରୂପରେ ତାଙ୍କୁ ହିଁ ପ୍ରେମ ପୁତ୍ର ରୂପେ ପାଇ,ତାଙ୍କ ଦିବ୍ୟ ପ୍ରେମ ବିତରଣ ପାଇଁ ନିଜକୁ ନିମିତ ଭାବରେ ପାଇ,ଅନ୍ତର୍ଜଗତକୁ ଯାତ୍ରାର ଅପୂର୍ବ ସୁଯୋଗ ପ୍ରାପ୍ତ କରି ବାଳବିକାଶ ଗୁରୁଙ୍କ ହୃଦୟ ପ୍ରତି ମୁହୂର୍ତ୍ତରେ କୃତଜ୍ଞତାରେ ପରିପୂର୍ଣ୍ଣ । ସେହି କୃତଜ୍ଞତା ପୂର୍ଣ୍ଣ ହୃଦୟ ସଦା ଗାଇ ଚାଲୁ ଏହି ନିବିଡ ବନ୍ଧନର ସୁମଧୁର ରାଗିଣୀ ।"ବାଳବିକାଶ ଗୁରୁ ଦେଶର ସଂପତି" ଭଗବାନଙ୍କ ଏହି ଦିବ୍ୟ ବାଣୀରେ ସଦା ଅନୁପ୍ରାଣିତ ହୋଇ,ଦେବ ଶିଶୁ ନିର୍ମାଣ ମାଧ୍ୟମରେ ରାଷ୍ଟ୍ର କୋଣାର୍କର ନିର୍ମାଣରେ ଗୁରୁ ବ୍ରତୀ ରହି ଥାଆନ୍ତୁ ।

*ଖରିଆର ରୋଡ,ନୂଆପଡ଼ା*

# ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା

ହିମାଂଶୁ ଶେଖର ଆଚାର୍ଯ୍ୟ

ଆଜି ହେଉଛି ଜାତୀୟ ପ୍ରେସ୍ ଦିବସ । ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ । ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା । ଉଦ୍ଦେଶ୍ୟଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉ ରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା । ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତାର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି । ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ । ସେଥିପାଇଁ ପ୍ରତିବର୍ଷ ବଭିନ୍ନ ଆଲୋଚନା ଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ଡିଜିଟାଲ ଦୁନିଆରେ ଗଣମାଧ୍ୟମର ଆବଶ୍ୟକତା ଓ ବିଶ୍ୱସନୀୟତା ।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ସେମାନେ ହେଲେ – ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ । ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉ ରଦାୟିତ୍ୱ ସବୁଠାରୁ ବେଶୀ । ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇ ରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି । ଏସବୁ ସ ୍ରି ିମିଡିଆ ତାର ସ୍ଥାନ ବଜାୟ ରଖିଛି । ବ ମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା । ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା । ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ । ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା । ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି । ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଚ୍ଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପାଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ । ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି ।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହ ।ଉଥିଲେ । ବ ମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ । ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବା ।, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ୍ୟ ପାଆନ୍ତି ନାହିଁ । ମୋବାଇଲ, କମ୍ପ୍ୟୁଟର, ଇ ରନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହ ି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି ।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସ ୍ୱ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି । ବ ମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲା , ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟି ଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି । ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍ଫଣ୍ଡ୍ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ । କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବା ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ । ବିଜ୍ଞାପନର ଅଶ୍ଲୀଳ ବା ।ରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢିବାରେ ଲାଗିଛି । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି । ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ' ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ' ରୁ 'ଜିରୋ' କରିଦେଉଛି । ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ । କିଏ ବା ନଜାଣିଛି ଏକଥା – "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ଗଣମାଧ୍ୟମ ତାର ଉ ରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ।

ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

# ଜେ. ଡି ଭାନ୍ସଙ୍କ ବକ୍ତବ୍ୟ ଓ ଆମେରିକାର ଅସଲ ଚରିତ୍ର


ଡ. ସମନ୍ୱୟ ନନ୍ଦ

ଆମେରିକା ସର୍ବଦା ଅନ୍ୟ ଦେଶ ବିଶେଷ ଭାବେ ଭାରତକୁ ଧାର୍ମିକ ସ୍ୱାଧୀନତାର ପାଠ ପଢାଇ ଥାଏ । ସେ ନିଜକୁ ଧାର୍ମିକ ଦୃଷ୍ଟିରୁ ଉଦାର ବୋଲି ଦାବି କରିଥାଏ । ବାରାକ ଓବାମା ଠାରୁ ଆରମ୍ଭ କରି ଆମେରିକାର ଅନ୍ୟ ନେତା ମାନେ କନଭର୍ସନ ମାମଲାରେ ପ୍ରତିବନ୍ଧକ ସୃଷ୍ଟି କରାଯିବାକୁ ନେଇ ମହାତ୍ମା ଗାନ୍ଧୀଙ୍କ ନାମ ନେଇ ଉପଦେଶ ଦେଇଥାନ୍ତି । କିନ୍ତୁ ଆମେରିକାର ଉପ ରାଷ୍ଟ୍ରପତି ଜେ.ଡି ଭେନ୍ସ ଏବେ କିଛି ଦିନ ତଳେ ତାଙ୍କ ହିନ୍ଦୁ ପତ୍ନୀ ଉଷାଙ୍କୁ ନେଇ ଯେଉଁ ବକ୍ତବ୍ୟ ଦେଇଛନ୍ତି ତାହା ଆମେରିକା ଭଳି ଦେଶର ପାଖଣ୍ଡତାକୁ ସ୍ପଷ୍ଟ କରିଛି । ଅନ୍ୟ ଦେଶ ମାନଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରଦାନ ପାଇଁ ପାଠ ପଢାଉଥିବା ଆମେରିକା ଏହି ମାମଲାରେ ନିଜେ କେତେ ସଂକୀର୍ଣ୍ଣ ଓ ହିନ୍ଦୁ ବିରୋଧୀ ତାହା ଉପରୁ ଏହି ଘଟଣା ପରଦା ଉଠାଇ ଦେଉଛି । ଆମେରିକା ନିଜକୁ ଯେତେ ସେକୁଲାର ଓ ଲିବରାଲ କହୁ ପଛେ ବାସ୍ତବରେ ଏହି ଘଟଣା ଆମେରିକାରେ ସଂସ୍ଥାଗତ ଖ୍ରିଷ୍ଟିଆନିଟି ଶ୍ରେଷ୍ଠତାବାଦ (ସୁପ୍ରିମେସି) ଓ ହିନ୍ଦୁ ବିରୋଧକୁ ପ୍ରତିବିମ୍ବିତ କରୁଛି । ଏବେ ଆମେରିକାର ଉପ ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଉକ୍ତ ବକ୍ତବ୍ୟ ଉପରେ ଦୃଷ୍ଟି ପକାଇବା ଓ ଏହାର ବିଶ୍ଳେଷଣ କରିବା । ଏହା ପୂର୍ବରୁ ଆମେ ଜାଣି ରଖିବା ଯେ ତାଙ୍କର ପତ୍ନୀ ଉଷା ବାଲା ଚିଲିକୁରୀ ଜଣେ ତେଲୁଗୁ ହିନ୍ଦୁ ପରିବାରର ଝିଅ । ଭାନ୍ସ ତାଙ୍କର ବକ୍ତବ୍ୟରେ କହିଲେ ଯେ ସେ ଆଶା କରୁଛନ୍ତି ଯେ, ଭବିଷ୍ୟତରେ ତାଙ୍କର ପତ୍ନୀ ଖ୍ରୀଷ୍ଟିଆନିଟିରେ କନଭର୍ଟ ହୋଇଯିବେ । ସେ କହିଛନ୍ତି ଯେ, ଏହା ତାଙ୍କର ମୁକ୍ତ ଇଚ୍ଛା ଓ ପରସ୍ପରର ସମ୍ମାନରେ ଏପରି କରିବେ ।

ଭାନ୍ସଙ୍କ ଏହି ବକ୍ତବ୍ୟ କୌଣସି ସାଧାରଣ ମନ୍ତବ୍ୟ ନ ଥିଲା । ଏହା ବାସ୍ତବରେ ଆମେରିକାର ଥିବା ଗଭୀର ବିଚାରଧାରାର ସଂରଚନାର ଏକ ଝଲକ ଯେଉଁଥିରେ ଆମେରିକାର ରାଜନୀତି, ସମାଜ ଓ ଗଣମାଧ୍ୟମ ଆଦି ଛନ୍ଦି ହୋଇ ରହିଛନ୍ତି । ଆମେରିକାର ଏହା ହେଉଛି ଏକ ଏପରି ସଂରଚନା ଯାହା ଖ୍ରୀଷ୍ଟିଆନିଟୀକୁ ନିଜର ରାଷ୍ଟ୍ରୀୟ ପରିଚୟ ବୋଲି ପ୍ରସ୍ତୁତ କରିଥାଏ ଓ ଅନ୍ୟ ଧର୍ମ ଓ ସଂସ୍କୃତିକୁ ଦ୍ୱିତୀୟ ଶ୍ରେଣୀର ବୋଲି ମନେ କରିଥାଏ । ଭାନ୍ସଙ୍କର ଏହି ବକ୍ତବ୍ୟ ପ୍ରମାଣିତ କରେ ଯେ ନିଜକୁ ସେକୁଲାର ଓ ଲିବରାଲ ଦେଶ ବୋଲି କହି ଡିଣ୍ଡିମ ପିଟୁଥିବା ଏହି ଗୋରା ଦେଶରେ ବାସ୍ତବରେ ଖ୍ରିଷ୍ଟିଆନ ଶ୍ରେଷ୍ଠତାବାଦ (ସୁପ୍ରିମେସୀ) କେତେ ଗଭୀର ଭାବେ ରହିଛି ।

ଭାରତରେ ଯେତେବେଳେ ଗୋରା ଦେଶ ମାନଙ୍କରୁ ଆସୁଥିବା ବିଦେଶୀ ଅର୍ଥରେ ସରଳ ଲୋକ ମାନଙ୍କୁ କନଭର୍ଟ କରି ସେମାନଙ୍କର ଗଳାରେ କ୍ରସ ଝୁଲାଇ ସେମାନଙ୍କୁ ତାଙ୍କର ପୂର୍ବ ପୁରୁଷ ମାନଙ୍କ ଠାରୁ କାଟି ଦେବାକୁ ପ୍ରୟାସ କରାଯାଏ ଓ ସେତେବେଳେ ଯଦି କେହି ଏହାକୁ ବିରୋଧ କରନ୍ତି, ଠିକ ସେତେବେଳେ ଆମେରିକା ଖୋଲା ଖୋଲି ଭାବେ ଏହି କନଭର୍ଟ କରୁଥିବା ସମୂହ ମାନଙ୍କର ସମର୍ଥନରେ ଠିଆ ହୋଇଥିବା ଦେଖିବାକୁ ମିଳେ । ଆମେରିକା ସରକାର ବିଭିନ୍ନ ଦେଶ ମାନଙ୍କରେ କନଭର୍ଟ କରୁଥିବା ଶକ୍ତି ମାନଙ୍କ ଉପରେ କୌଣସି କଟକଣା ଲାଗିଲେ ତା ଉପରେ ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରୁଥିବା ଦେଖିବାକୁ ମିଳେ ।

ଭାନ୍ସଙ୍କ ପତ୍ନୀ ଉଷା ଗତ କିଛି ଦିନ ତଳେ କହିଥିଲେ ଯେ ତାଙ୍କୁ ଖ୍ରିଷ୍ଟିଆନିଟୀରେ କନଭର୍ଟ ହେବାର କୌଣସି ଇଚ୍ଛା ନାହିଁ । ସେ ତାଙ୍କର ପିଲା ମାନଙ୍କୁ ଉଭୟ ଖ୍ରିଷ୍ଟିଆନିଟି ଓ ହିନ୍ଦୁ ଧର୍ମ ବିଷୟରେ ଅବଗତ କରାଉଛନ୍ତି । ଉଷାଙ୍କର ଏହି ଆଭିମୁଖ୍ୟ ଅତ୍ୟନ୍ତ ସନ୍ତୁଳିତ । ହେଲେ ଭାନ୍ସଙ୍କ ଆଭିମୁଖ୍ୟ କଣ ? ଭାନ୍ସ ଆଶା ପ୍ରକାଶ କରୁଛନ୍ତି ଯେ ଉଷା ଖୁବ ଶୀଘ୍ର ଖ୍ରୀଷ୍ଟିଆନ ହୋଇଯିବେ । ଭାନ୍ସଙ୍କ ଏଭଳି ଆଶା କରିବା ହେଉଛି ବାସ୍ତବରେ ସନ୍ତୁଳନକୁ ବିଗାଡିବା । ଏଠାରେ କେହି ତର୍କ ଦେଇ ପାରନ୍ତି ଯେ ଜେଡି ଭାନ୍ସ ତାଙ୍କ ପତ୍ନୀ ଖ୍ରୀଷ୍ଟିଆନିଟିରେ କନଭର୍ଟ ହେବାକୁ ଆଶା କରିବା ତାଙ୍କର ବ୍ୟକ୍ତିଗତ ପ୍ରସଙ୍ଗ । ଏହାକୁ ଆମେରିକା ସହ ଯୋଡିବା ଠିକ ନୁହେଁ । ତେବେ ଏଠାରେ ଏପରି କଥା ଅତାର୍କିକ । ଏହାର କାରଣ ହେଲା ଯେ ଯେତେବେଳେ କୌଣସି ଦେଶର ସର୍ବୋଚ୍ଚ ନେତା ଯେତେବେଳେ ଅନ୍ୟ ଧର୍ମକୁ ମାନୁଥିବା କୌଣସି ବ୍ୟକ୍ତିକୁ ଖ୍ରୀଷ୍ଟିଆନିଟିରେ କନଭର୍ଟ କରିବାକୁ ସାର୍ବଜନୀନ ଭାବେ ଆଶା ବ୍ୟକ୍ତ କରି ବକ୍ତବ୍ୟ ଦିଏ, ସେତେବେଳେ ତାହା ହେଉ ବ୍ୟକ୍ତିଗତ ମାମଲା ହୋଇ ରହି ଯାଏ ନାହିଁ । ବାସ୍ତବରେ ଏହା ଉକ୍ତ ସମାଜର ସାମୁହିକ ମାନସିକତାର ପ୍ରତିବିମ୍ବ ହୋଇଯାଏ, ଯାହା କୌଣସି ବିଶେଷ ଧର୍ମକୁ ଶ୍ରେଷ୍ଟ ବୋଲି ମନେ କରିଥାଏ । ତେଣୁ ଭାନ୍ସଙ୍କ ଏହି ବକ୍ତବ୍ୟକୁ ତାଙ୍କର ବ୍ୟକ୍ତିଗତ ମାମଲା ବୋଲି ଧରା ଯାଇ ପାରିବ ନାହିଁ । ଏବେ ତଥାକଥିତ ଉଦାରବାଦୀ ଦେଶ ଆମେରିକା ସହ ଭାରତର ତୁଳନା କରିବା । ଯଦି ଭାରତର କଥା କହିବା ତେବେ ଭାରତର ସ୍ଥିତି ଏହା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ମନେ ହୁଏ । ଭାରତର କୌଣସି ରାଜନେତାଙ୍କ ପତ୍ନୀ କେଉଁ ଧର୍ମର ସେ ବିଷୟରେ କୌଣସି ପ୍ରକାର ସାର୍ବଜନୀନ ଚର୍ଚ୍ଚା ହୁଏ ନାହିଁ । ଉଦାହରଣ ସ୍ୱରୂପ ରାଜୀବ ଗାନ୍ଧୀ ଯେତେବେଳେ ସୋନିଆଙ୍କୁ ବିବାହ କଲେ ସେତେବେଳେ କେହି ଏହା ଉପରେ ଆପତି ବ୍ୟକ୍ତ କରି ନ ଥିଲେ । ଏହା ବାଦ ରାଜୀବ ଗାନ୍ଧୀ ତାଙ୍କୁ ହିନ୍ଦୁ ଧର୍ମ ସ୍ୱୀକାର କରିବାକୁ ଚାପ ପକାଇଥିଲେ, ଏଭଳି କଥା କେବେ ହେଲେ ସାର୍ବଜନୀନ ହୋଇ ନାହିଁ । ହଁ ଏତିକି ଯେ ଯେତେବେଳେ ରାଜୀବ ଗାନ୍ଧୀଙ୍କର ମୃତ୍ୟୁ ହେଲା ଓ ସୋନିଆଙ୍କୁ ଦେଶର ନେତୃତ୍ୱ ନେବା କଥା ଆଲୋଚନା ହେଲା ସେତେବେଳେ ତାଙ୍କର ବିଦେଶୀ ମୂଳର ଜନ୍ମ ବିଷୟ ଉଠିଥିଲା । ହେଲେ ସେତେବେଳେ ମଧ୍ୟ କେହି ପଚାରି ନ ଥିଲେ ଯେ ସୋନିଆ ଗାନ୍ଧୀ ହିନ୍ଦୁ ହୋଇ ସାରିଛନ୍ତି ନା ଖ୍ରୀଷ୍ଟିଆନ ହୋଇ ଏବେ ବି ଅଛନ୍ତି ? ତେଣୁ ଭାରତକୁ ଉପଦେଶ ଦେଉଥିବା ଆମେରିକାର ନେତା ମାନଙ୍କର ଦୃଷ୍ଟିକୋଣ ଯେ ଅତ୍ୟନ୍ତ ସଂକୀର୍ଣ୍ଣ ତାହା ସ୍ପଷ୍ଟ ହୋଇ ସାରିଛି । ତେବେ କଣ ବାସ୍ତବରେ ଧାର୍ମିକ ସ୍ୱାଧୀନତାର ଏହି ପାଖଂଡ ଜେଡି ଭାନ୍ସଙ୍କ ଏହି ବକ୍ତବ୍ୟ ପରେ ସାର୍ବଜନୀନ ହେଲା ? ଏହା ପୂର୍ବରୁ ଏପରି କିଛି ନ ଥିଲା ? ଏକଥା ସତ ଯେ ଆମେରିକା ନିଜର ସମ୍ବିଧାନରେ ଧାର୍ମିକ ସ୍ୱାଧୀନତାର କଥା ଜୋର ଶୋରରେ କହିଥାଏ । କିନ୍ତୁ ଆମେରିକାର ସଂସ୍ଥାଗତ ସଂରଚନାରେ ସବୁବେଳେ ଖ୍ରିଷ୍ଟିଆନିଟୀକୁ ପ୍ରାଧାନ୍ୟ ଓ ଅଗ୍ରାଧିକାର ପ୍ରଦାନ କରାଯାଇଥାଏ । ସରକାରୀ କାର୍ଯ୍ୟକ୍ରମ ମାନଙ୍କର ବାଇବେଲରେ ଶପଥ ଗ୍ରହଣ କରାଯାଇଥାଏ , ସ୍କୁଲ ଗୁଡିକରେ ଖ୍ରୀଷ୍ଟିଆନ ପ୍ରାର୍ଥନା କରାଯାଇଥାଏ । ସାର୍ବଜନୀନ ଜୀବନରେ ଗ୍ଡ୍ ର ବାରମ୍ବାର ଉଲ୍ଲେଖ କରାଯାଇଥାଏ । ଏହା ସ୍ପଷ୍ଟ କରେ ଯେ ଆମେରିକାର ଉଦାରବାଦ ଓ ସେକୁଲାରିଜମ କେବଳ ଦେଖାଇବା ପାଇଁ, ଆଚରଣ କରିବାକୁ ନୁହେଁ । ଯଦି ଆମେ ଇତିହାସ ପୃଷ୍ଠାକୁ ଓଲଟାଇବା ତେବେ ଦେଖିବା ଯେ ସ୍ୱାମୀ ବିବେକାନନ୍ଦଙ୍କ ସମୟରୁ ହିଁ ହିନ୍ଦୁ ଶବ୍ଦକୁ ଅତ୍ୟନ୍ତ ତିରସ୍କାର ଓ ଉପହାସର ସହିତ ବ୍ୟବହାର କରାଯାଇ ଆସୁଛି । ଆମେରିକାରେ ଗଣମାଧ୍ୟମ, ଓ ରାଜନୀତିରେ ହିନ୍ଦୁ ଧର୍ମକୁ ଅତ୍ୟନ୍ତ ଖରାପ ଦୃଷ୍ଟିରେ ପ୍ରସ୍ତୁତ କରାଯାଇଥାଏ । ବର୍ତ୍ତମାନ ସମୟରେ ଆମେରିକାରେ ହିନ୍ଦୁ ବିରୋଧୀ ମନ୍ତବ୍ୟ ଓ ଭାରତୀୟ ମାନଙ୍କର ପ୍ରତି ହିଂସାତ୍ମକ କାର୍ଯ୍ୟକଳାପ ମଧ୍ୟ ବଢିଛି ।

ତେବେ ଆମେରିକାର ଏହି ଦୋହରା ଚରିତ୍ର ଓ ପାଖଣ୍ଡର କାରଣ କଣ ? ଯଦି ଆମେ ଏହାକୁ ବିଶ୍ଳେଷଣ କରିବା ତେବେ ଦେଖିବା ଯେ ଏହା ପଛରେ ଏକ ମାନସିକତା ରହିଛି । ଉକ୍ତ ମାନସିକତାଟି ହେଲା ଯେ ସାରା ବିଶ୍ୱକୁ ଖ୍ରୀଷ୍ଟିଆନ ମୂଲ୍ୟବୋଧ (ଖ୍ରୀଷ୍ଟିଆନ ଭେଲ୍ୟୁଜ) ଅନୁସାରେ ଚଳାଇବା । ସାରା ବିଶ୍ୱକୁ କନଭର୍ଟ କରିବା, ସେମାନଙ୍କର ସଂସ୍କୃତି, ପରମ୍ପରା, ପୂର୍ବପୁରୁଷଙ୍କ ଠାରୁ ସେମାନଙ୍କୁ କାଟିବା ଓ ସମସ୍ତଙ୍କ ବେକରେ କ୍ରସ ଝୁଲାଇବା । ଏହା ହିଁ ତାଙ୍କର କର୍ତବ୍ୟ । ଏହି କାରଣରୁ ଭାରତ ଭଳି ଦେଶକୁ ସବୁବେଳେ ଉପଦେଶ ଦେଉଥିବା ଆମେରିକାର ନିଜର ମୁଳଦୁଆ ଧାର୍ମିକ ପକ୍ଷପାତ ଉପରେ ଠିଆ ହୋଇଛି ।

ଆମେରିକା ନିଜକୁ ଗଣତନ୍ତ୍ରର ସଂରକ୍ଷକ ଓ ଆଦର୍ଶ ବୋଲି ଦାବି କରିଥାଏ, ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିଥାଏ ବୋଲି କହିଥାଏ, ହେଲେ ବାସ୍ତବିକତା ହେଲା ଆମେରିକାର ଇତିହାସରେ ବର୍ତମାନ ଯାଏ କେହି ଅଣ ଖ୍ରୀଷ୍ଟିଆନ ରାଷ୍ଟ୍ରପତି ହୋଇ ପାରି ନାହାନ୍ତି । କେବଳ ସେତିକି ନୁହେଁ କେହି ମହିଳା ମଧ୍ୟ ଏହି ପଦରେ ପହଂଚି ନାହାନ୍ତି ।

ଆମେରିକାର ରାଷ୍ଟ୍ରପତିଙ୍କ ବାଇବେଲରେ ଶପଥ ନେବା, ଆମେରିକୀୟ ଗଣମାଧ୍ୟମର ହିନ୍ଦୁ ଧର୍ମ ପ୍ରତି ପୂର୍ବାଗ୍ରହ, ଆମେରିକାର ନେତା ମାନଙ୍କର ଧାର୍ମିକ ଟିପ୍ପଣୀ ସ୍ପଷ୍ଟ କରୁଛି ଯେ ଆମେରିକାରେ ସେକୁଲାରିଜମ କେବଳ ଦେଖାଇବା ପାଇଁ । ଏହା ହେଉଛି ଆମେରିକାର ଅସଲ ଚରିତ୍ର ।

# ଶୀତ ଦିନରେ ଶିଶୁଙ୍କ କାନପଚା ରୋଗ


ନାରାୟଣ ଚନ୍ଦ୍ର ବିଶ୍ୱାଳ

ଧୀରେ ଧୀରେ ଶୀତ ଅନୁଭୂତ ହେଲାଣି । ତଥାପି ବାୟୁମଣ୍ଡଳରେ ଧୂଳିକଣାର ପ୍ରଭାବ ରହୁଥିବାରୁ ଶୀତର ପ୍ରକୋପ ଶିଶୁମାନଙ୍କର କାନପଚା ରୋଗର ମୁଖ୍ୟ ବାହକ ହୋଇପାରେ । ଅବଶ୍ୟ ଶିଶୁମାନଙ୍କର କାନପଚା ରୋଗ ଏକ ସାଧାରଣ ରୋଗ ଏବଂ ଏହାକୁ ନେଇ ଅଭିଭାବକମାନେ ବିଶେଷ ଭାବରେ ଚିନ୍ତିତ ହେବା ପ୍ରାସଙ୍ଗିକ ନୁହେଁ । ତେବେ ଗୁରୁତର ପ୍ରସଙ୍ଗ ହେଉଛି ପ୍ରାୟତଃ ପା*ବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଏହା ଅଧିକାଂଶ ଭାବରେ ଦେଖାଯାଏ । ଆମ ଶରୀରରେ କାନ ହେଉଛି ଅନ୍ୟତମ ଅତ୍ୟାବଶ୍ୟକୀୟ ଇନ୍ଦ୍ରିୟ । କେବଳ ଶ୍ରବଣ ଶକ୍ତି ପାଇଁ ନୁହେଁ ଶାରୀରିକ ଭାରସାମ୍ୟରେ ସନ୍ତୁଳନ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେବେ ଖାମଖିଆଲି ଭାବରେ ଏହାର ଚିକିତ୍ସାକଲେ ପରବର୍ତ୍ତୀ ସମୟରେ ଶିଶୁଟି ସାରାଜୀବନ ପାଇଁ ଶ୍ରବଣଶକ୍ତି ହରାଇବାର ସମ୍ଭାବନାକୁ ଏଡ଼ାଇଯାଇ ନପାରେ । କାରଣ ଛୋଟ ପିଲାର ଶ୍ରବଣଶକ୍ତି ହିଁ ତା'ର ବୌଦ୍ଧିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଛୋଟ ଛୋଟ ପିଲାମାନେ ପ୍ରାଥମିକ ଅବସ୍ଥାରେ ଖନି ଖନି କଣ୍ଠରେ କଥାବାର୍ତ୍ତା ଆରମ୍ଭ କରୁଥିଲେ ମଧ୍ୟ ଶ୍ରବଣ ଶକ୍ତି ସେମାନଙ୍କର ଶାରୀରିକ ବିକାଶରେ ଯଥେଷ୍ଟ ଅବଦାନ ରଖିଥାଏ । ପ୍ରାୟତଃ ଦେଖାଯାଏ ଛୋଟ ଛୋଟ ପିଲାମାନଙ୍କର କର୍ଣ୍ଣନଳୀ ମଧ୍ୟରେ କୌଣସି କାରଣ ବଶତଃ ସଂକ୍ରମଣଟିଏ ଘଟିଲେ କାନରୁ ପ୍ରାଥମିକ ଅବସ୍ଥାରେ ପାଣିଆ ପୂଜ ଏବଂ ପରବର୍ତ୍ତୀ ସମୟରେ ଗାଢ଼ ପୂଜ (ଦୁର୍ଗନ୍ଧଯୁକ୍ତ ପୂଜ) ନିର୍ଗତ ହୋଇଥାଏ । ଯାହାକୁ ସାଧାରଣରେ କାନପଚା ରୋଗ କୁହାଯାଏ । ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଦେଖାଯାଇଥାଏ ବଡ଼ଲୋକମାନଙ୍କ ଠାରୁ ଛୋଟ ପିଲାମାନଙ୍କର କାନର ଗଠନ ଶୈଳୀ ଭିନ୍ନ ଧରଣର ହୋଇଥିବାରୁ ଏବଂ ସେମାନଙ୍କର ଶରୀର ପ୍ରତିରୋଧକ ଶକ୍ତି ଯଥେଷ୍ଟ କମ୍ ଥିବାରୁ ସ୍ୱାଭାବିକ ଭାବରେ ପିଲାମାନଙ୍କର କାନ ପାଚିଥାଏ । ଜୀବାଣୁ ବା ଭୂତାଣୁମାନେ କର୍ଣ୍ଣନଳୀ ସଂକ୍ରମଣର ମୁଖ୍ୟବାହକ । ଅନେକକ୍ଷେତ୍ରରେ ଦେଖାଯାଏ ସଚେତନତା ଅଭାବରୁ ପ୍ରାୟତଃ ପିଲାମାନଙ୍କର କାନ ଭିତରେ ଅଭିଭାବକମାନେ କୌଣସି ଚଢ଼େଇର ପର, କାଠି, ଡଟ୍‌ପେନ, ଡାଙ୍ଗ, ଦିଆସିଲ କାଠି ଏପରିକି ହାତର ଆଙ୍ଗୁଳି ପୂରାଇ ସଫା କରିବା ଭିତରେ ଅଜାଣତ ଛୋଟିଆ କ୍ଷତଟି ସୃଷ୍ଟି ହୋଇ ସଂକ୍ରାମକ ରୂପ ନେଇଥାଏ । ସେହିପରି ନିୟମିତ ଭାବରେ କାନରୁ ଠିକ୍ ଭାବରେ ମଇଳା ସଫା କରାନଗଲେ ତାହା କାନପଚିବାର ଅନ୍ୟତମ କାରଣ ହୋଇଥାଏ । ବିଶେଷକରି ଶୀତଦିନରେ ବାୟୁମଣ୍ଡଳରେ ଧୂଳିକଣାର ଭାଗ ଅଧିକ ରହୁଥିବାରୁ ଏହି ଋତୁରେ କାନପଚାରୋଗ ବିଶେଷତଃ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ସମୟରେ ଦେଖାଯାଏ ପିଲାମାନଙ୍କୁ ବୋତଲରେ କ୍ଷୀର ପିଆଇଲା ବେଳେ କିମ୍ବା ମା'ଶୋଇକରି ପିଲାଟିକୁ କ୍ଷୀର ଖୁଆଇଲାବେଳେ ଅଜଣାତ ଭାବରେ ବୋତଲକ୍ଷୀର ବା ମା'କ୍ଷୀର ଧାର ଧାର ହୋଇ ଶିଶୁଟିର କାନ ଭିତରେ ପଶିଥାଏ । ପରବର୍ତ୍ତୀ ସମୟରେ କ୍ଷୀର ଖାଇସାରିଲା ପରେ ପିଲାଟି ଶୋଇଯାଇଥିବାରୁ ତରଳ ପଦାର୍ଥଟି ଦୀର୍ଘ ସମୟ ପାଇଁ କାନ ଭିତରେ ରହି ଏହା ଦୂଷିତ କରିଥାଏ । ପିଲାମାନଙ୍କର ସ୍ୱାଭାବିକ ଥଣ୍ଡାରୋଗ ବା ଶ୍ୱାସରୋଗ ଥିଲେ ଦୀର୍ଘଦିନ ଧରି କାଶ ବା ଛିଙ୍କ ଲାଗିରହିଲେ ଏହା ମଧ୍ୟ ପରୋକ୍ଷରେ କାନରୋଗ ପାଇଁ ବାଟ ଦେଖାଇଥାଏ । ପିଲାମାନଙ୍କୁ ଗାଧୋଇଦେବା ସମୟରେ ଅଭିଭାବକମାନେ ବିଶେଷ ଭାବରେ ସତର୍କ ନହେଉଥିବାରୁ ପିଲାମାନଙ୍କର କାନ ଭିତରେ ପାଣି ପଶିଯାଏ ଯାହାକି କାନ ପାଚିବାର ଅନ୍ୟତମ ମୁଖ୍ୟ କାରଣ । ଗ୍ରାମା*ଳ ଏବଂ ଆଦିବାସୀ ଅଧ୍ୟୁଷିତ ଅ*ଳରେ ଦେଖାଯାଇଥାଏ ଯେ ପିଲାମାନଙ୍କୁ ବେଳେ ସ୍ଥାନୀୟ ପୋଖରୀ, ନଦୀ ବା ଝରଣାରେ ବୁଡ଼ ପକାଇ କେହି କେହି ଗାଧୋଇ ଦେଇଥାଆନ୍ତି । ଏହା ସ୍ୱଭାବିକ ଭାବରେ କାନ ପାଇଁ ଭୟଙ୍କର ବିପଦ ଆଣିଥାଏ । ପିଲାମାନଙ୍କର ଲମ୍ବା ଲମ୍ବା ଚୁଟି ରହିଲେ କେବଳ ଗାଧୋଇବା ପାଣି ବା ବର୍ଷାପାଣି ନୁହେଁ ଏପରିକି ଦେହର ଝାଳ ଚୁଟିବାଟେ କାନ ଭିତରକୁ ପଶିଥାଏ ଯାହାକି ମଧ୍ୟ କାନ ପଚାଇଥାଏ । କାନ ପାଚିଲେ ପିଲାମାନଙ୍କ ଦେହରେ ସ୍ୱଭାବିକ ଭାବରେ ତାପମାତ୍ର ବଢ଼ିଥାଏ । ଅସହ୍ୟ କାନଯନ୍ତ୍ରଣାରେ ପିଲାଟି କାନ୍ଦିଥାଏ ଏବଂ ପାଚିଥିବା କାନକୁ ଟାଣି ଧରିଲେ ତାକୁ ତତ୍କାଳ ଅବଶ୍ୟ ଉପଶମ ଲାଗେ କିନ୍ତୁ ଏହା ଠିକ୍ ନୁହେଁ । କେତେକ ସ୍ଥାନରେ ପିଲାମାନଙ୍କର ଏକାସାଙ୍ଗରେ ଦୁଇଟି କାନ ପାଚିବାର ମଧ୍ୟ ଦେଖାଯାଏ । ଏହା ପିଲାଟି ପାଇଁ ବଡ଼ ଯନ୍ତ୍ରଣା ଦାୟକ ହୋଇଥାଏ ।

ପ୍ରଥମରୁ କହିଛି ଯେ କାନ ପାଚିବା ଏକ ଗୁରୁତର ରୋଗ ନୁହେଁ କିନ୍ତୁ ଏ କ୍ଷେତ୍ରରେ ଚିକିତ୍ସା ଯେତେ ବଡ଼କଥା ନୁହେଁ ସଚେତନ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ କଥା ହେଉଛି ଶିଶୁରୋଗ ବିଶେଷଜ୍ଞଙ୍କ ମତଲୋଡ଼ି ପିଲାଟିର ଦାୟିତ୍ୱ ନିଅନ୍ତୁ । ପିଲାମାନଙ୍କୁ କୌଣସି ପରିସ୍ଥିତିରେ ପାଣିରେ ବୁଡ଼ାଇ ଗାଧୋଇବା ପଦ୍ଧତି ଅବଲମ୍ବନ କରନ୍ତୁ ନାହିଁ । କେବେ ଯଦି ମୁଣ୍ଡବି ଧୋଇଥାଆନ୍ତି ତେବେ କାନ ଭିତରେ ଯେପରି ପାଣି ନପଶେ ସେଥିପାଇଁ ସତର୍କ ରୁହନ୍ତୁ । ଶୀତଦିନରେ ଧୂଳିକଣାର ପ୍ରକୋପ ରହୁଥିବାରୁ ପିଲାମାନଙ୍କୁ ଖରାପଡ଼ିଲାପରେ ବାହାରକୁ ଛାଡ଼ନ୍ତୁ । କୌଣସି ପରିସ୍ଥିତିରେ ପିଲାମାନଙ୍କ କାନ ସଫା ରଖିବା ପାଇଁ ଡାଙ୍ଗ, କାଠି ବା ଅନ୍ୟ କୌଣସି ଜିନିଷ ନ ପୁରାଇ ବିଶୋଧିତ ତୁଳା ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ରହିଥିବା କାନସଫା କାଠିଦ୍ୱାରା କାନସଫା କରିପାରିବେ । ଶ୍ରେଣୀରେ ବା ବାହାରେ ପିଲାମାନେ କୌଣସି କାଠି ପୁରାଇ କାନ ନ କୁଣ୍ଡେଇବାର ଅଭ୍ୟାସ ପିଲାବେଳୁ ହିଁ ତାକୁ ଶିଖାନ୍ତୁ । ପରବର୍ତ୍ତୀ ସମୟରେ ଏହା ଖୁବ୍ ଭଲ ଅଭ୍ୟାସରେ ପରିଣତ ହୋଇପାରିବ । ନିଜକୁ ନିଜେ ଚିକିତ୍ସକ ଭାବି କାନରେ କୌଣସି ତେଲ ପକାନ୍ତୁ ନାହିଁ । ଯାହାବିହେଲେ କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ପିଲାମାନଙ୍କ ବଡ଼ଚୁଟି ରଖନ୍ତୁ ନାହିଁ । ସେମାନଙ୍କୁ ଅଧିକ ଥଣ୍ଡା, କୋଲଡ୍ରିଙ୍ଗସ, ଚକୋଲେଟ ଆଦି ଦେବାରୁ ନିରୁତ୍ସାହିତ ହୁଅନ୍ତୁ । ଛୋଟ ପିଲାମାନଙ୍କୁ କ୍ଷୀର ଖୋଇଲାବେଳେ ମା'ମାନେ ଯତ୍ନବାନ ହୁଅନ୍ତୁ ଯେପରି ତା'ର କାନରେ କ୍ଷୀରଟି ନପଶେ । ପିଲାଙ୍କୁ ମାଡ଼ ମାରିଲାବେଳେ କାନରେ ଯେପରି କୌଣସି ଆଘାତ ନହୁଏ ସେଥିପ୍ରତି ସଚେତନ ରୁହନ୍ତୁ । କାନରୁ ପାଣି ବୋହିବା ମାତ୍ରେ ତୁରନ୍ତ ବିଶୋଧିତ ତୁଳାରେ ସଫା କରନ୍ତୁ । ପିଲାମାନଙ୍କୁ ଶୋଇଲାବେଳେ ବା ସେମାନେ ମୁକ୍ତ ଥିଲାବେଳେ କୌଣସି ଆଧାତ୍ମିକ ସଙ୍ଗୀତ ବା ପ୍ରେରଣାଧର୍ମୀ ନାମାବଳୀ ତାଙ୍କ କାନରେ ଯେପରି ପଡ଼େ ସେଥିପ୍ରତି ସଚେତନ ରୁହନ୍ତୁ । ମନେରଖନ୍ତୁ ପିଲାଟି ହେଉଛି ଆସନ୍ତା କାଲିର ଭବିଷ୍ୟତ । ତା'ର ସାମାନ୍ୟ ଅବହେଳା ପରବର୍ତ୍ତୀ ସମୟ ପାଇଁ ଯନ୍ତ୍ରଣାଦାୟକ ଓ ଭୟଙ୍କର ହୋଇପାରେ । କୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ । ସଦାସର୍ବଦା ଭଗବାନଙ୍କ ନାମ ସ୍ମରଣ କରନ୍ତୁ । ପିଲାଟିକୁ ବି ସେଇପଥରେ ନେବା ପାଇଁ ରାସ୍ତା ଦେଖାନ୍ତୁ । ଦେଖିବେ ସବୁଠିକ୍ ହୋଇଯିବ ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ସାହିତ୍ୟ ଦର୍ପଣ



## ଅନର୍ଘ ଅନୁରାଗ



ସୁଦର୍ଶନ ମହାପାତ୍ର

ଆମ ଘର ଗାଆଁ ର ମଝିଆ ମଝି ତ ବିଶୁକେଇଙ୍କ ଘର ଗାଆଁ ମୁଣ୍ଡରେ ।ବିଶୁକକେଇ ଙ୍କ ପୁଅ ସୁଜିତ ମୋର ପିଲାଦିନର ସାଙ୍ଗ ।ଏକା ସାଙ୍ଗରେ ସ୍କୁଲ ଯିବାକୁ ମୁଁ ସବୁଦିନ ଆମ ଘର ପାଖରେ ସୁଜିତ କୁ ଅପେକ୍ଷା କରିଥାଏ ।ସ୍କୁଲ ଗଲାବେଳକୁ ମୁଁ ସିନା ସୁଜିତ କୁ ଅପେକ୍ଷା କରୁଥିଲି ହେଲେ ପାଖ ଗାଁ କୁ ଟିୟୁସନ ଗଲାବେଳକୁ ସୁଜିତ ମୋତେ ଅପେକ୍ଷା କରିଥାଏ ।ଟିୟୁସନ ସାରି ଫେରିଲା ବେଳକୁ ବିଶୁ କକେଇ ତାଙ୍କ ପିଣ୍ଡାରେ ନିଶ୍ଚୟ ବସିଥିବେ । ଆମକୁ ଦେଖୁ ଦେଖୁ ପିଣ୍ଡାରୁ ଓହ୍ଲେଇ ପଡି ମୋ ସହିତ ଚାଲିବେ ଆମ ଘର ପର୍ଯ୍ୟନ୍ତ । କାରଣ ଆମ ଘରକୁ ଯିବା ବାଟରେ ପଡେ ଗୋଟିଏ ବାଉଁଶ ବୁଦା,ଆଉ ସେଇଠି ମୋତେ ଭାରି ଡରମାଡେ ବୋଲି ସୁଜିତ କୁ ଥରେ କହିଥିଲି ।

-' ମନଦେଇ ପାଠ ପଢ଼ିବୁ । ବାପା ନାଁ ରଖିବୁ । ଗାଆଁ ନାଁ ରଖିବୁ । ଚଗଲା ହେବୁ ନାହିଁ ।' ବାଟ ଚାଲୁ ଚାଲୁ ଏମିତି କେତେ କ'ଣ ଉପଦେଶ ଦେଇ ଚାଲିଥିବେ ବିଶୁ କକେଇ । ସେ ପୁଣି ପ୍ରାୟ ନିତ୍ୟ ନୈମିତିକ । ତାଙ୍କ କଥାରେ ଆଉ ବ୍ୟବହାରରେ ମୁଁ ଅନୁଭବ କରୁଥିଲି ଏକ ସ୍ୱତନ୍ତ୍ର ସ୍ନେହ । ସ୍କୁଲ ଗଲାବେଳକୁ କେବେ ପିଜୁଳି ଟିଏ ତ କେତେବେଳେ ଆତଟିଏ ସୁଜିତ ହାତରେ ମୋ ପାଇଁ ବିଶୁ କକେଇ ପଠାଇଥାନ୍ତି ।

ମୋ ବାପାଙ୍କର ଗୋଟିଏ ତେଜରାତି ଦୋକାନ ଥିଲା ଆଉ ବିଶୁ କକେଇ ଭାଗଚାଷ କରି ଗୁଜୁରାଣ ମେଂଟାଉଥିଲେ ।ଆମ ଜମିରେ ବି ସେ ଭାଗଚାଷ କରୁଥିଲେ ।

ବିଶୁ କକେଇ ନିଜ ପୁଅ ଭଳି ମୋତେ ଭଲ ପାଉଥିଲେ । ଆମଘରେ ବି ସୁବ୍ରତ ପ୍ରତି ସେତିକି ଭଲ ପାଇବା ଥିଲା । ପିଲାଦିନରୁ ମାଆ କୁ ହରାଇଥିବା ସୁଜିତ ପ୍ରତି ବୋଉର ଅକୁଣ୍ଠ ମମତା ଥିଲା । ପ୍ରତି ପର୍ବପର୍ବାଣୀରେ ମୋ ସହିତ ସୁଜିତର ନୂଆ ପ୍ୟାଂଟ ସାର୍ଟ ହେବାଟା ନିଶ୍ଚୟ । ଘରେ କେବେ କେମିତି ପିଠାପଣା ହେଲେ ସୁଜିତ କୁ ଆମ ଘରକୁ ଡାକି ଆଣିବାକୁ ମୋତେ ବାରମ୍ବାର ତାଗିଦ କରିବ କିମ୍ବା ମୋ ହାତରେ ତାଙ୍କ ଘରକୁ ପଠେଇବ ।

ପ୍ଲସ ଟୁ ସରିଲା ବେଳକୁ ସୁଜିତ ଯୋଗଦେଲା ଆର୍ମିରେ ।ଆଉ ମୁଁ ଆଗକୁ ପଢ଼ିବା ଜାରି ରଖିଲି । ସୁଜିତ ଆଉ ମୁଁ ଦୁହେଁ ସିନା ଗାଁ ଛାଡିଲୁ ହେଲେ ମୁଁ ପ୍ରାୟ ଛୁଟିରେ ଘରକୁ ଆସେ । ସୁଜିତ ସେ ସୁବିଧା ପାଏନା । କେବେ ଆସିଲେ ତ ଏକାଥରକେ ପନ୍ଦର ଦିନ ପାଇଁ ଛୁଟି ନେଇ ଆସେ । ସୁଜିତ ପ୍ରତିଥର ଆସିଲା ବେଳକୁ ମୋ ପାଇଁ ନୂଆ ପ୍ୟାଟ ସାର୍ଟ ନିଶ୍ଚୟ ନେଇ ଆସିବ । ଯେତେ ମନାକଲେ ବି ସେ କ'ଣ ଶୁଣିବା ପିଲା । ଶେଷକୁ କହିବ ତୋର ବେଶୀ ଅଛି ତ ତୋ ସାର୍ଟରୁ ମୋତେ ଗୋଟିଏ ଦେଇ ଦେ । ସତକୁ ସତ ସେ ଜବରଦସ୍ତି ମୋର ଗୋଟିଏ ପୁରୁଣା ସାର୍ଟ ଧରି ଯିବ । ମୁଁ ଜାଣିଥାଏ ମୋ ଭଳି ସେ ବି ମୋତେ ମନେ ପକେଇବାକୁ ଏଇଟା ଗୋଟିଏ ଆଳ ତାର । ପୁଣି ଘରକୁ କେବେ ଆସିଲେ ସେ ମୋର ପୁରୁଣା ସାର୍ଟ ପିନ୍ଧି ଗାଁରେ ବୁଲୁଥିବ ଯିବା ପର୍ଯ୍ୟନ୍ତ ।

ଆମ ଦୁହିଁଙ୍କର ବନ୍ଧୁତ୍ୱର କଥା ଗାଁ ରେ ଚର୍ଚ୍ଚା ହୁଏ ।ଆମ ଦୁହିଁଙ୍କୁ ବି ଗାଁ ରେ ସମସ୍ତେ ଭଲ ପାଆନ୍ତି । ହେଲେ ମୋତେ ସବୁଠୁ ବେଶୀ ଭଲ ପାଆନ୍ତି ବିଶୁ କକେଇ । ହଷ୍ଟେଲରୁ ଗାଁ କୁ ଆସିଲା ମାତ୍ରେ ମୋ ପାଇଁ କେବେ ଦି ପୁଞ୍ଜା ପିଜୁଳି ତ କେବେ ଗୁଡିଆ ସାହିରୁ ମୁଆଁ ଧରି ପହଁଚି ଯିବେ ବିଶୁ କକେଇ । ତାଙ୍କ ନଜରରେ ମୁଁ ସତେକି ସେମିତି ଛୁଆଟିଏ ହୋଇ ରହିଯାଇଛି । ଆଉ ଗୋଟିଏ କଥା । ମୁଁ ଆସୁଛି ବୋଲି ଜାଣିଲେ ଆମ ଗାଁ ଦେଇ ଯାଉଥିବା ବସ ସମୟକୁ ଛକରେ ଠିଆ ହୋଇଥିବେ ବିଶୁ କକେଇ । କାଳେ ବାଟରେ ଡରିବି ବୋଲି ମୋତେ ଆମ ଘର ପାଖରେ ଛାଡି ପୁଣି ଫେରିଯିବେ ତାଙ୍କ ଘରକୁ । ଏକଥା ସେ ନକହିଲେ ବି ମୁଁ ଜାଣେ ।

ଏମିତି ଏମିତି ତିନି ବର୍ଷ କଟି ଯାଇଥିଲା । ହଠାତ୍ ଦିନେ ଖବର ଆସିଲା ସୀମାନ୍ତରେ ସୁଜିତର ସହୀଦ ହେବାର ଖବର । ଯେମିତି ବଜ୍ର ପଡ଼ିଗଲା ମୋ ମୁଣ୍ଡରେ ।କାଳ ବିଳମ୍ବ ନକରି ଗାଆଁ ରେ ପହଚିଲି । ସୁଜିତ କୁ ଶେଷ ଥର ପାଇଁ ଭେଟିଲି । ଖାଲି ମୋ ଆଖିରେ ନୁହେଁ ଗାଆଁ ଟା ସାରା ଲୋକଙ୍କ ଆଖିରେ ଭରିଥିଲା ଲୁହ । 'ସହୀଦ ସୁଜିତ ଅମର ରହେ...' ଧ୍ୱନିରେ ଉଚ୍ଛୁଳି ପଡୁଥିଲା ଗାଁ ଦାଣ୍ଡ । ସମସ୍ତେ ଦୁଃଖରେ ମ୍ରିୟମାଣ । ଗାଆଁ ର କାହାରି ଘରେ ସେଦିନ ଜଳି ନଥିଲା ଚୁଲି । ଯେମିତି ଘନ ଅନ୍ଧାର ଘୋଟି ରହିଥିଲା ସମଗ୍ର ଗାଆଁ କୁ । ଚାରିଆଡେ ନିସ୍ତବ୍ଧତା ଖେଳୁଥିଲା । ସୁଜିତକୁ ବାହୁନୁ ବାହୁନୁ ବୋଉର ହଠାତ ଚେତା ଚାଲିଗଲା ଯେ ଆଉ ସାଷ୍ଟାମ ହୋଇ ନଥିଲା ।ତାକୁ ନେଇ ଡାକ୍ତରଖାନାରେ ଭର୍ତି କରାଇଲୁ ସେଇ ରାତିରେ । ରାତିସାରା ସାଲାଇନ ଇତ୍ୟାଦି ଚାଲିଥିଲା ଏବଂ ମୁଁ ସେମିତି ସେଇଠି ଚେଇଁ ବସିଥିଲି । ଭୋରୁ ଭୋରୁ ତା'ର ଚେତା ଫେରିଲା ତ ପୁଣି ତା ଆଖିରୁ ଲୁହ ଧାର ଗଡ଼ି ଚାଲିଲା । ସକାଳକୁ ଘରକୁ ଆଣିଲୁ ।

ରାତି ପାହିଲା ବେଳକୁ ସ୍କୁଲ ପ୍ରାଙ୍ଗଣରେ ଜମା ହୋଇଥିଲେ ଗାଆଁଟା ସାରା ଲୋକ । ଆସିଥିଲେ ନେତୃବୃନ୍ଦ ।ଶିକ୍ଷକ ମାନେ ଭୂରି ଭୂରି ପ୍ରଶଂସା କରୁଥିଲେ ସୁଜିତର । ସେଦିନର ସେଇ ଶୋକସଭାରେ ଭାଗ ନେଇଥିଲେ ଆଖ ପାଖରୁ ଆସିଥିବା ପ୍ରାୟ ପାଂ ହଜାର ଲୋକ ।

ସ୍କୁଲ ପିଣ୍ଡାରେ ବସିଥାନ୍ତି ବିଶୁ କକେଇ । ସେମିତି ଶୂନ୍ୟକୁ ଚାହିଁ ବସିଥାନ୍ତି । ତାଙ୍କୁ ଚାହିଁ ସମସ୍ତଙ୍କ ଆଖିରେ ଥିଲା ଲୁହ ।ବିଶୁ କକେଇଙ୍କ ପାଖକୁ ଗଲି ମୁଁ । ମୋତେ ସେ ଚାହିଁଲେ କିଛି କ୍ଷଣ । ସେତେବେଳକୁ ତାଙ୍କ ଆଖିରୁ ଝଡି ପଡିଲା କେଇ ବୁନ୍ଦା ଲୁହ । କୋହରେ ମୋ ଛାତି ଉବୁଟୁବୁ ହେଉଥିଲା ତ ମୁଁ କ'ଣ କହି ସାନ୍ତ୍ୱନା ଦେବି ବୁଝି ପାରୁନଥିଲି । ମୁଁ ଯେମିତି ଲୁହରେ ଲତପତ ହେଉଥିଲି ।

ବସିବା ଜାଗାରୁ ଠିଆ ହୋଇ ପଡି ବିଶୁ କକେଇ ମୋତେ ଗୋଟାପଣେ କୁଣ୍ଢେଇ ଧରିଲେ ।

-' ମୁଁ ଜାଣେ, ସୁଜିତ ପାଇଁ ତୋ ଛାତିରେ ଅନେକ ଦୁଃଖ ଭରିଛି । ମୁଁ ତ ତା'ର ବାପା ଥିଲି । ହେଲେ ତୁ ଥିଲୁ ତା'ର ସବୁକିଛି... ! ମୁଁ ଗୋଟିଏ ପୁଅ ହରେଇଛି ସିନା ମୋ ପାଖରେ ଆଉ ଗୋଟିଏ ପୁଅ ଅଛି । ହେଲେ ତୁ ଯାହା ହରେଇଛୁ, ତାକୁ ଆଉ ଭରଣା କରିବ କିଏ.. ?'

ଏ ଦୁଃଖଦ ଘଟଣାର କେଇ ଦିନ ପରେ ବିଶୁ କକେଇ ଭାଗଚାଷ କାମ ସଂପୂର୍ଣ୍ଣ ଛାଡ଼ିଦେଲେ ଏବଂ ସ୍ୱତଃ ପ୍ରବୃତ ଭାବରେ ଆସି ବାପାଙ୍କୁ ଦୋକାନ କାମରେ ସାହଯ୍ୟ କଲେ । କିଏ ପଚାରିଲେ ' ଗୋଟିଏ ପେଟ ପୋଷିବା ପାଇଁ ଆଉ କାହିଁକି ପରିଶ୍ରମ କରିବି' ବୋଲି ସମସ୍ତଙ୍କୁ ସମାନ ଉତର ଦେଲେ ।

ବିଶୁ କକେଇଙ୍କ ଦେହ ଟିକିଏ ଖରାପ ଅଛି ବୋଲି ଦିନେ ବାପାଙ୍କ ଠାରୁ ଶୁଣିଲି ଏବଂ ସାଙ୍ଗେ ସାଙ୍ଗେ ଗାଆଁକୁ ଯିବାକୁ ମଧ୍ୟ ବାପା କହିଲେ । ବାହାରିଲି ମଧ୍ୟ ।ବିଶୁ କକେଇଙ୍କୁ ସହରକୁ ଆଣି ସମସ୍ତ ପ୍ରକାରର ଚିକିତ୍ସା କରିବାକୁ ମୁଁ ମନେ ମନେ ଠିକ୍ କଲି । ସେଦିନ ସଂଧ୍ୟା ପ୍ରାୟ ଆଠଟା ବେଳକୁ ମୁଁ ଯାଇଁ ଗାଁ ମୁଣ୍ଡ ଷ୍ଟପେଜ ରେ ବସରୁ ଓହ୍ଲାଇଲି । ଦେଖିଲି ରାସ୍ତା ସେପଟେ ଠିଆ ହୋଇଛନ୍ତି ବିଶୁ କକେଇ । ମୁଁ ଆଶ୍ଚର୍ଯ୍ୟ ହେଲି ।

-' ତୁମ ଦେହ ଭଲ ନାହିଁ ବୋଲି ବାପାଙ୍କ ଠାରୁ ଜାଣିଲି । କାହିଁକି ଆସିଲ ଛକକୁ ?' ବିଶୁ କକେଇଙ୍କୁ ନମସ୍କାର କରି ପଚାରିଲି ।

- ' ନା ଏବେ ଟିକିଏ ଭଲ ଲାଗୁଛି ତ ଚାଲି ଆସିଲି । '

-' କାଲି ତୁମକୁ ଯେମିତି ହେଲେ ମୋ ପାଖକୁ ନେଇଯିବି । ସେଇଠି ଭଲ ଡାକ୍ତର ଦେଖେଇ ଚିକିତ୍ସା କଲେ ଭଲ ହେବ । ତୁମେ ନା ବୋଲି ଜମା କହିବନି ।'

ଏମିତି କଥାବାର୍ତା ଭିତରେ ଆମ ଘର ଆସିଯାଇଥିଲା ।ବିଶୁ କକେଇ କିଛି ନକହି ଲମ୍ବା ଲମ୍ବା ପାଦ ପକେଇ ତାଙ୍କ ଘର ଆଡ଼କୁ ଚାଲିଲେ ।

ଆଉଜା କବାଟ ଖୋଲି ଭିତରକୁ ଗଲି ତ ବୋଉ ର ଉଚ୍ଚ ସ୍ୱରର କାନ୍ଦ ଶୁଣିଲି । ମୁଁ ଶଙ୍କିଗଲି ।

-' କ'ଣ ହେଲା ବୋଉ ? ' ଧିରେ ପଚାରିଲି ।

-' ବିଶୁ ଚାଲିଗଲା ଏଇ ଘଂଟାଏ ଆଗରୁ ।'

ମୁଁ ତଟସ୍ଥ । ବୋଉକୁ କହି ପାରିଲିନି ଏବେ ବିଶୁ କକେଇଙ୍କ ସହିତ କଥାବାର୍ତା ହୋଇ ବସଷ୍ଟାଣ୍ଡରୁ ଆସିଲି ବୋଲି ।କହି ପାରିଲିନି ବିଶୁ କକେଇ ମୋତେ କହୁଥିଲେ ଯେ ସେ କେବେ ମରିଗଲେ ତାଙ୍କୁ ମୁଖାଗ୍ନି ଦେବାର ଅନୁରୋଧର କଥା । ଏସବୁ କହିଲେ ବୋଉ ଡରିଯିବ ଆଉ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ । ଏତିକି ବେଳକୁ ଘର ବାହାରୁ ଶୁଭିଲା ବାପାଙ୍କ ପାଟି ।

-' ଶୀଘ୍ର ବାହାରି ଆ ବିଜୁ ।ତୁ ତୋ କକେଇ ମୁହଁରେ ମୁଖାଗ୍ନୀ ଦେବୁ ବୋଲି ଗାଁ ଲୋକେ କହୁଛନ୍ତି । ଶୀଘ୍ର ଆ ।'

ବାପାଙ୍କୁ ପଛକରି ମୁଁ ଏକରକମ ଦୌଡୁଥିଲି ବିଶୁ କକେଇଙ୍କ ଘର ଆଡକୁ । ମୋତେ ଡର ଲାଗୁନଥିଲା... !!!

*କୁଞ୍ଜବିହାରୀ ଲେନ, କଟକ*

---

## ସମ୍ପର୍କ

*ଆଦ୍ୟାଶା ମହାପାତ୍ର*



ସଂସାରର
ସବୁ ଛୋଟ ବଡ଼ ପ୍ରଶ୍ନର ଉତର
ଥାଏ କେବଳ ସମ୍ପର୍କ ପାଖରେ
ମାଧୁର୍ଯ୍ୟର ପ୍ରତିଛବି ଆଙ୍କି ଦିଏ
ସମୟର ତାଳେ ତାଳେ ସମ୍ପର୍କ
ମଧୁର ବାସ୍ନା ଭରି ଦେଇଥାଏ
ଜୀବନରେ ସବୁ ସମୟରେ
ସେଇ ବାସ୍ନାରେ ଉଚ୍ଚାଟିତ
ସୁଖ ଦୁଃଖର ଇସ୍ତାହାର
ସ୍ୱର୍ଗଲୋକରେ, ଅବା
ମର୍ତ୍ତ୍ୟ ମଣ୍ଡଳରେ ... !
ସମ୍ପର୍କର ସୂକ୍ଷ୍ମ ପାଟଡୋରିରେ
ବନ୍ଧା ଥାଏ ଜୀବନ
ସେଇଥିରୁ ହିଁ ସୃଷ୍ଟି
ପରିବାର, ବନ୍ଧୁ, ଜ୍ଞାତି କୁଟୁମ୍ବ
ସମ୍ପର୍କକୁ କେନ୍ଦ୍ର କରି
ସଂସ୍କୃତି, ସଭ୍ୟତା, ପରମ୍ପରା
ନ୍ୟାୟ ନୀତି,ଧର୍ମ, ଦର୍ଶନ
ଐତିହ୍ୟର ପରିକଳ୍ପନା
ଗୋଟିଏ ସୁନ୍ଦର ମଧୁର ସମ୍ପର୍କ
ଇନ୍ଦ୍ରଧନୁ ର ବର୍ଣ୍ଣିଳ ସେତୁ ଗଢେ
ବୁଝାମଣାର ମୁରୁଜ ଆଙ୍କେ
ଦୁଇଟି ହୃଦୟକୁ ଏକାତ୍ମ କରେ
ମାଟିରୁ ଆକାଶ ପର୍ଯ୍ୟନ୍ତ
ସଂପ୍ରସାରିତ ହୋଇଯାଏ
ସମ୍ପର୍କର ଅନାହତ ରାଗିଣୀ
ମୂର୍ଚ୍ଛନା ତୋଳେ
ପ୍ରତି ହୃଦୟର
କୋଣ ଅନୁକୋଣରେ... !!!

*ନୂଆପଡା, କଟକ*

## ଶୂନ୍ୟ ରାସ

*ରତ୍ନକାନ୍ତି ମିଶ୍ର*



ମଥା ଉପରୁ
ଘୁଂଚି ଯାଇଛି ଆକାଶ
ଯାହାର ନାହିଁ ଦିଗନ୍ତ
ନିଦ ଭାଙ୍ଗିଲା ବେଳକୁ
ଖବର ମିଳିଲା ଅଚାନକ
ଅପହୃତ ହୋଇ ସାରିଛି
ସ୍ୱପ୍ନର ଉଡାଣ
ପରିଚୟ ହଜେଇ ସାରିଛି
ସୂର୍ଯ୍ୟ ଉଦୟ

ଏବେ ଜଳ ବିହୀନ ନଈ
ଫୁଲ ନଥିବା ବୃନ୍ତ
ବାଟ ପାଉନଥିବା ମେଘ
ସ୍ୱର ପାଉନଥିବା ପକ୍ଷୀ
ମୁହ୍ୟମାନ

କିଛି ଗୋଟିଏ
ଘଟି ସାରିଛିର ସୂଚନା
ଦୃଶ୍ୟରେ ରକ୍ତ
ଅନ୍ଧ ଭାଗ୍ୟ ହାତରେ ସମୟ !

ଆକୁମାରୀ ହିମାଚଳ
ସବୁଠି ଉପଗତ ଶୂନ୍ୟରାସ
ବିଶ୍ୱାସ ବିହୀନ ନିସ୍ତବ୍ଧତା
ନିଃସଙ୍ଗ କି ମୋର ଦେଶ
ଯିଏ କାନ୍ଦୁଚି
ହରାଇ ତା'ର ସନ୍ତାନ
ଏବେ ଈଶ୍ୱରଙ୍କ ପକ୍ଷ ନେଇ
କିଏ କରିବେ
ସେମାନଙ୍କ ସଂସ୍କାର... ।

*ଆଳି, କେନ୍ଦ୍ରାପଡା*

## ଭଲ ମଣିଷଟେ ହୋଇବା

*ନିରଞ୍ଜନ ସାହୁ*



ଭଲ ମଣିଷଟେ ହେବାପାଇଁ ଏବେ
କେତେଜଣ ଚିନ୍ତା କରନ୍ତି
ଅଧିକାଂଶ ବରଂ କଳା କାରନାମା
କରିବାର ବାଟ ଧରନ୍ତି ।
ସଭିଏଁ ଭାବନ୍ତି ଧନ ଅରଜନ
କୌଣସି ଉପାୟେ କରିବା
ଅୟସରେ ନିଜ ଜୀବନ କଟାଇ
ଶେଷରେ ତ ଦିନେ ମରିବା
ପାପପୁଣ୍ୟ, ଧର୍ମଅଧର୍ମ ନମାନି
ଧନାର୍ଜନ ଚିନ୍ତା ଭରନ୍ତି ।
ଧନରେ ଜଣଙ୍କୁ ଟପିଯିବା ପାଇଁ
ଅନ୍ୟ ଜଣେ ଚିନ୍ତା କରଇ
ସେଥିପାଇଁ ସିଏ କୌଣସି ପ୍ରକାରେ
ଧନାର୍ଜନ ବାଟ ଧରଇ
ଜୀବନକୁ ବାଜି ଲଗାଇ ଦେଇ ସେ
କେବେ କାହାକୁ ନ ଡରନ୍ତି ।
ବାପାମାଆଙ୍କର ଭାରି ଚିନ୍ତା ଥାଏ
ସନ୍ତାନ ଏମିତି ହୋଇବ
ଉଚ୍ଚଶିକ୍ଷିତ ଯେ ତାହାକୁ କରିବି
ଧନ ଅର୍ଜି ଘରେ ଥୋଇବ
ପାଂ ଜଣକରେ ପ୍ରତିଷ୍ଠିତ ହେବ
ସେ ଚିନ୍ତାରେ ଦିନ ହରନ୍ତି ।
ସତ୍ୟ, ନ୍ୟାୟ, ଧର୍ମ, ସେବା, ନୀତିନିଷ୍ଠ
ପର ଉପକାର ନୀତିରେ
ମୋହରି ସନ୍ତାନ ଏହି ଦୁନିଆରେ
ହୃଦୟକୁ ଯିବ ଜିତିରେ
ଏ ଭାବନା ଆଉ କା ' ମନରେ ନାହିଁ
ତରିବା ବଦଳେ ମରନ୍ତି ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## କାଗଜଫୁଲ

*ସୁଧାକର ରାଉତ*



ଥରେ ମାତ୍ର କୁହ
କାହିଁକି ଏତେ ରହୁଛ ନୀରବ
ଭୁଲି ସବୁ ଧର୍ମ, ମାନ ମର୍ଯ୍ୟାଦା ।
ଭାବିଛ କି ଥରେ
ତୁମରି ଭରସାରେ
ମୋର ସେ କଳଙ୍କର ଦାଗ
ଜଳେ ଅହରହ ।
ତୁମ ଆଶ୍ୱାସନାର ସାଗର
ପାଶେ ଥାଇ
ମିଳେନି ମୁନ୍ଦେ ମାତ୍ର ଜଳ ।
ପିଙ୍ଗିଦେଇଛି ଦୂରେ
ମୋର ଯେତେ ସ୍ୱାଭିମାନ
ତୁମଠି ହଜିବା ପାଇଁ
କରିଛି ଆତ୍ମସମର୍ପଣ ।
ଦେହକ୍ଷୁଧା ମୋତେ କରେନି ଆନମନା
ମୁଁ ଜାଣେ ମୁଁ ତୁମ ପାଇଁ
କାଗଜ ଫୁଲର ବାସନା ।
ମୁଁ ବିରହରେ କୁହୁଳୁଥିବା
ଓଦା କାଠ ଟିଏ ।
ହୃଦୟ ହୁଏ ଆଶଙ୍କିତ ।
ସଂପୂର୍ଣ୍ଣ ଜଳିଯିବାରେ ତୁମେ
ନୁହଁ ମର୍ମାହତ ।
ତଥାପି ତୁମ ସାନ୍ନିଧ୍ୟ ଆଶେ
ମୁଁ ନିଜଠୁ ଯାଇଛି ଦୂରେଇ
ତୁମେ କିନ୍ତୁ ହଜିଯାଅ
ଅଳିକ ସପନକୁ ଦୋହରାଇ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

---

## ଶବ୍ଦହୀନ ସତ୍ୟ

**ପୂର୍ଣ୍ଣଚନ୍ଦ୍ର ବହଳୀ**

ରେଲୱେର ଭିଡରେ ଭରା ଏକ ଷ୍ଟେସନ୍ । ସନ୍ଧ୍ୟା ଛଅଟା । ଲୋକାଲ ଟ୍ରେନର ଶବ୍ଦ, ଭିଡ଼ର ଧକ୍କାଧକ୍କି, ପାଟିତୁଣ୍ଡ, ପ୍ଲାଟଫର୍ମ ରେ ନିରବରେ ବସିଥିବା କିଛି ଲୋକ । ସବୁକିଛି ଏକାସାଥିରେ ମିଶି ଯାଇଥାଏ ସେଇ ସନ୍ଧ୍ୟାରେ ।

କିନ୍ତୁ ଏ ସବୁ ଭିଡ଼ ମଧ୍ୟରେ ପ୍ଲାଟଫର୍ମ ନମ୍ବର ପାଂଚର ଡାହାଣ ପଟରେ ଥିଲା ଏକ ଦୃଶ୍ୟ ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ବାହାରେ । ସେଠାରେ ଥିଲେ ଏକ ପୁରୁଷ । ଧୂସର ସ୍ୟାର୍ଟ, ଗାଢ଼ ନୀଳ ପ୍ୟାଂଟ,ହାତରେ ଥିଲା କାର୍ଯ୍ୟାଳୟର ଏକ ବ୍ୟାଗ ।ଦେଖିବାକୁ ଅତି ସାଧାରଣ ମଣିଷଟିଏ । ଆଖିରେ ତାଙ୍କର ଦିନ, ମାସ, ବର୍ଷ. ବର୍ଷ ର ସଫଳତା ଓ ଅସଫଳତା,ଦାୟିତ୍ୱ, ସବୁକିଛି ଯେମିତି ଜମାଟ ହୋଇ ରହିଛି ତାହା ଲାଗୁଥିଲା । ସେ କିଛି କହୁନଥିଲେ,କେବଳ ଲୁହ ବୋହି ଯାଉଥିଲା— ତାଙ୍କର ନାମ ଥିଲା ଶଶାଙ୍କ ।ଦିନରେ ଅଫିସ୍, ରାତିରେ ଜୀବନର ହିସାବ ଯେପରି ବାପାଙ୍କ ଚିକିତ୍ସା ଖର୍ଚ୍ଚ,ମା'ଙ୍କ ରୋଗ,ଘର ଲୋନ୍,ଛୋଟ ଭଉଣୀର ଶିକ୍ଷା— ସମସ୍ତ ଦାୟିତ୍ୱ ତାଙ୍କ ଉପରେ ।

ଶଶାଙ୍କ ବହୁତ ମଜବୁତ ଓ ଧୈର୍ଯ୍ୟବାନ ଥିଲେ । କିନ୍ତୁ ଏହିଭଳି ଲୋକମାନେ ବେଳେବେଳେ ସବୁଠାରୁ ଅଧିକ ଭାଂଗିପଡନ୍ତି । ସେ ଏବେ ବି ଅବିବାହିତ ଅଟନ୍ତି । ଘରର

ସମସ୍ତ ଦାୟିତ୍ୱ ଉଠେଇବାରେ ତାଙ୍କ ମନ ନିଜକୁ ନିଜେ ଖାଇଦେଉଥାଏ । କାହାକୁ କିଛି କହନ୍ତି ନାହିଁ ।ତାଙ୍କ ଜୀବନରେ ଚାପ ସମୁଦ୍ରର ଢେଉ ଭଳି ।

ସେ ଦିନ ଅଫିସରୁ ଘରକୁ ଫେରୁଥିବା ପଥରେ ତାଙ୍କ ମୋବାଇଲରେ ପୁଣି ଥରେ ଗୋଟିଏ ଫୋନ୍ ନିଜ ଘରରୁ ଆସିଲା—
"ବାପାଙ୍କ ଔଷଧ ଶେଷ ହୋଇଯାଇଛି "'ଭଉଣୀର ଫିସ୍ ଦରକାର ""ମା'ଙ୍କ ଦେହ ଆଜି ଭଲ ନାହିଁ "
କାର୍ଯ୍ୟାଳୟର କାର୍ଯ୍ୟ ଭାରର ଥକ୍କା, ବାଟରେ ଆସୁ ଆସୁ ଏଭଳି ଫୋନ - ଯେତେ କଲେ ବି ଦାୟିତ୍ୱର ବୋଝ ଅଧିକରୁ ଅଧିକ ହେବାରେ ଲାଗୁଛି - ଯେପରି ସେ କେବଳ "ଦାୟିତ୍ୱ"ର ଏକ ଜୀବନ୍ତ ଏଟିଏମ ।
ଫୋନ ରଖିଦେବା ପରେ ବହୁତ କିଛି ଭାବି ଚାଲିଲେ । କେତେକ ଘଟଣା ଶଶାଙ୍କଙ୍କ ମନକୁ ବ୍ୟଥିତ କଲା କ୍ଷମା' ବାଲ୍ୟକାଳରେ ରେ ଥପଥପାଇ ଗୀତ ଗାଇ ଶୁଆଇ ଦେଉଥିବା,ବାପା -ସେ ଛୋଟ ଥିବାବେଳେ ଅଭାବ ସତ୍ୱେ ତା ପାଇଁ ସାଇକେଲ୍ ଆଣିବା ଓ ଚଢ଼ିବା ଶିଖାଇବା, ବହୁ କଷ୍ଟରେ ତାର ପଢାପଢିର ଖର୍ଚ୍ଚ ତୁଲାଇବା, ଭଉଣୀ ସହ ହସଖୁସି ସବୁ ଆଖିଆଗରେ ନାଚିଲା । ଏ ସବୁ କଷ୍ଟ ଥାଇ ମଧ୍ୟ କେତେ ମଜାରେ ପିଲାଦିନ କଟୁଥିଲା
ଆଜି ସେ ସବୁ କେଉଁଠି ?
ମନେପଡ଼ିଲା- କର୍ତବ୍ୟ କର୍ତବ୍ୟ -ସେ ଭାଙ୍ଗିପଡ଼ିଲେ ଓ ନିରୋଳାରେ କାନ୍ଦିବାରେ ଲାଗିଥିଲେ ।

ଶଶାଙ୍କ କାନ୍ଦିବାର ଦୃଶ୍ୟ ସେହିବାଟେ ଯାଉଥିବା ଜଣେ ବୟସ୍କ ଲୋକଙ୍କ ନଜରକୁ ଆସିଲା । ସେ ଘଟଣା କଣ ଜାଣିବା ପାଇଁ ଶଶାଙ୍କଙ୍କ ନିକଟକୁ ପୁରା ନ ଯାଇ ଅଳ୍ପ ଦୂରରେ ନିରୀକ୍ଷଣ କଲେ । ପୁଣି ଭାବିଲେ ଲୋକଟି ବୋଧେ ବହୁତ ଅସୁବିଧାରେ ଅଛି । ତେଣୁ ସେ ତାଙ୍କ ଅତି ନିକଟକୁ ଯାଇ ଶାନ୍ତ ଭାବେ କହିଲେ—
"ଭାଇ, କ'ଣ ହେଲା ?"
ଶଶାଙ୍କ ମୁଣ୍ଡ ହଲାଇ କହିଲେ—କିଛି ନୁହେଁ । ଏମିତି ଜୀବନ ର କିଛି କଥା ମନେ ପଡ଼ିଗଲା । ଏତିକି ।"

ବୟସ୍କ ଲୋକଟି ବୁଝିଗଲା ଯେ ସମ୍ଭବତଃ ଜୀବନ ଯନ୍ତ୍ରଣା ମଧ୍ୟର ସେ ଗତି କରୁଛନ୍ତି । ନିଜେ ବି ଜୀବନରେ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରିଛନ୍ତି । ମନେ ମନେ କହିଲେ ସମସ୍ତଙ୍କର ଧାରଣା "ପୁରୁଷ ମାନେ କେବେ ଭାଙ୍ଗିପଡନ୍ତି ନାହିଁ କ୍ଷକିନ୍ତୁ ସତ୍ୟ ହେଉଛି—
ପୁରୁଷମାନେ ଅଧିକ ଭାଙ୍ଗିପଡନ୍ତି କିନ୍ତୁ ପ୍ରକାଶ କରନ୍ତି ନାହିଁ ।
ସେ ବି ସମସ୍ତଙ୍କ ନଜର ହଟାଇ କାନ୍ଦୁଛନ୍ତି ।
ପ୍ରକୃତରେ ଶଶାଙ୍କ କ୍ଷେତ୍ରରେ ତାହାହିଁ ହୋଇଥିଲା କାଳେ କିଏ ଦେଖି ତାଙ୍କୁ "ଦୁର୍ବଳ" ଭାବିବେ ।
ପୁଣି କେହି ପଚାରିବେ ତାଙ୍କର ସଂଘର୍ଷ କେତେ ବଡ଼ ?
ପରିବାର ପାଇଁ ତାଙ୍କର ଆବଶ୍ୟକତା କେତେ । ଏଭଳି ବହୁ କଥା ଉଠିବ ।
ସେ ବି କାହାର ପୁଅ,କାହାର ଭାଇ, କାହାର ସାଙ୍ଗଟ
ହୋଇପାରେ ନିଜ ପାଇଁ ସେ କେହି ନୁହେଁ ।ଏକା । ପୂର୍ଣ୍ଣ ଏକା । ଦୀର୍ଘଶ୍ୱାସ ଟିଏ ଛାଡିଲେ ।

ଏହି ସମୟରେ ଟ୍ରେନ୍‌ର ଶବ୍ଦ ଜଣାଇଦେଲା ଯେ ତାକୁ ଘରକୁ ଯିବାର ଅଛି । ମୁହୂର୍ତକ ମଧ୍ୟରେ ଟ୍ରେନ ପହଂଚିଗଲା ।ଲୋକମାନେ ଧାଇଁଲେ । କିନ୍ତୁ ସେ ଅଚଳ ଭାବେ ଦଣ୍ଡାୟମାନ ଥିଲେ ଯେପରି ଟ୍ରେନ୍ ତାଙ୍କ ପାଇଁ ନୁହେଁ । ପରେ ଧୀରେସେ ଲୁହ ପୋଛିଲେ,ମୁହଁ ସଫା କଲେ, ଏବଂ ଟ୍ରେନ ପାଖକୁ ଯାଇ ଚଢ଼ିଲେ । ଘରେ ସେ ଦିନ ସେ କାହାକୁ ବି କିଛି କହିନଥିଲେ । ପ୍ରତ୍ୟେକ ଲୁହରେ ଥିଲା ତାଙ୍କର ଜୀବନର ଗୁପ୍ତ ଅଧ୍ୟାୟ ।

ଇତିମଧ୍ୟରେ ବୟସ୍କ ବ୍ୟକ୍ତିଟି ଶଶାଙ୍କ ଠାରୁ ବିଦାୟ ନେଇ ଯାଇ ସାରିଥିଲେ । ତାଙ୍କ ମନରେ ଥିଲା ଗୋଟିଏ ପ୍ରଶ୍ନ- ପୁରୁଷଟି ମଧ୍ୟ କେଉଁ ଏକ ଅଜଣା କୋଣରେ ବହୁ କୋହ ସାଇତି ରଖିଥାଏ ଏବଂ କାନ୍ଦେ ଲୁଚାଇ ଲୁଚାଇ । ଲୁହ ସେଠାରେ ଦୁଃଖ ନୁହେଁ - ଶବ୍ଦହୀନ ସତ୍ୟର ପରିପ୍ରକାଶ ମାତ୍ର- ଯେଉଁଠି ନିଜର ଆତ୍ମା ସହିତ ସେ ନିଜେ ହିଁ କଥାହୁଏ ଓ କେବଳ ନାରୀ ନୁହେଁ ପୁରୁଷ ଟିଏ ବି କାନ୍ଦେ... ଆଉ ଯେତେବେଳେ କାନ୍ଦେ ତାହା ଲୁହ ନୁହେଁ ଲହୁ ହୋଇଯାଏ.. ।

*ଶିବାନୀ,ସମ୍ପାଦକ,ଭଦ୍ରକ*

---

## ଏଣ୍ଡୁରି ପିଠା

ଜନ୍ମ ହେବାପରେ ବାବା ଶବ୍ଦର ମାନେ କ'ଣ 'ବାପା' କାହାକୁ କହନ୍ତି ଜାଣିନଥିଲି ।ଜନ୍ମ ହେବା ପରେ ବାବା କଳାହାଣ୍ଡି ଚାଲିଯାଇଥିଲେ । ଭବାନୀପାଟଣାରେ କୃଷି ବିଭାଗରେ ଚାକିରି କରିଥିଲେ ।ଘର ଠାରୁ ଏତେ ଦୂର ।ଯିବା ଆସିବାପାଇଁ କୌଣସି ସୁବିଧା ନଥିଲା ।କାଁ ଭାଁ ବସ୍ କେତେବେଳେ ଯିବା ଆସିବା କରୁଥିଲା । ଚାଲି ଚାଲି ପାହାଡ଼ିଆ ଜଙ୍ଗଲ ରାସ୍ତା ପାରି ହୋଇ କେତେ କୁଆଡ଼ ? ଯାଇଥାନ୍ତେ ।ତେଣୁ ଇଛା ଥିଲେ ବି ବୃଦ୍ଧ ବାପା,ସ୍ତ୍ରୀ,ଛ'ଜଣ ପିଲାଙ୍କ ପାଖରେ ପହଂଚିବା ତାଙ୍କ ପକ୍ଷେ ବହୁତ କଷ୍ଟ ଥିଲା ।
ଜେଜେ ବାପା (ଦାଦା)ମୃଗାଙ୍କ ଶେଖର ରାୟଙ୍କ ଠାରୁ ବାବାଙ୍କ କଥା ଶୁଣୁଥିଲି ।ସେ ତାଙ୍କ ପୁଅ ମାନେ ମୋ ବାବା (ଜଗଜ୍ୟୋତି ରାୟ)ଙ୍କୁବାୟା ବୋଲି ଡାକୁଥିଲେ । ସେତେବେଳେ ଆମ ଘରେ କ'ଣ ସେ ଖଣ୍ଡ ମଣ୍ଡଳରେ ବିଦ୍ୟୁତ୍ ସଂଯୋଗ ନଥିଲା କି ରାସ୍ତା ମଧ୍ୟ ଭଲ ନଥିଲା ।
ମୁଁ ମୋ ବଡ଼ ଭାଇଭଉଣୀଙ୍କ ସହିତ ବଡ଼ ହେଉଥିଲି ।
ମୋ ପାଇଁ କୌଣସି ଅସୁବିଧା ହେଉନଥିଲା ।ମୋ ଦାଦାଙ୍କ ଠାରୁ ମୁଁ ବହୁତ ସ୍ନେହ ଆଦର ପାଇଛି ।
ତାଙ୍କ ସହିତ ସବୁବେଳେ ଥାଏ ଏବଂ ବୁଲୁଥାଏ ।ତାଙ୍କ ସହିତ ଖାଇବାକୁ ଖେଳିବାକୁ ଭାରି ଭଲ ପାଉଥିଲି ।ପାଂ ବର୍ଷ ବୟସରେ କ'ଣ ବା ଜାଣିଥିଲି । ଖାଇବା ଖେଳିବା କେବେ କେବେ ପାଠ ପାଖରେ ବସିବା ଏଇତ କାମ ।
୧୯୭୬ ମସିହାରେ ଦିନେ ସଞ୍ଜ ସମୟରେ ଦାଣ୍ଡ ପିଣ୍ଡାରେ ବସି ମୋ ବଡ଼ ଭାଇଭଉଣୀ ମାନଙ୍କୁ ଦାଦା ପାଠ ପଢ଼ାଉଥାନ୍ତି ।
ମୁଁ ତାଙ୍କ କୋଳରେ ମୁଣ୍ଡ ରଖି କ'ଣ ନାଇଁ କ'ଣ ଗପୁଥିଲି । ଲଣ୍ଠନ ଓ ଡିବିରି ଆଲୁଅରେ ବାହାରଟା ଝାପସା ଦେଖାଯାଉଥାଏ ।
ହଠାତ୍ ମୋର ନଜର ପଡ଼ିଲା ଦାଣ୍ଡଦୁଆର ପାହୁଛ ପାଖର କରବୀ ଫୁଲ ଗଛ ପାଖରେ କିଏ ଜଣେ ଠିଆ ହୋଇଛନ୍ତି ।ଖୁବ୍ ସୁନ୍ଦର ଦେଖାଯାଉଥାନ୍ତି ।ଦିବ୍ୟ ଚେହେରା । ଧବଫରଫର ଧୋତି ପଞ୍ଜାବୀ,ଲମ୍ବା କେଶ ଓ ଦାଢ଼ିରେ ମୁହଁଟି ଅଧା ଦେଖା ଯାଉଥାଏ ।ମୁଁ ଦେଖିବା କ୍ଷଣି ଜୋରେ ପାଟି କରି କହିଲି, ହେଇ ବାୟା ଆସିଲାଣି ।ଦାଦା ଦେଖ ବାୟା ଆସିଲାଣି ।
ବାୟାର ପ୍ରକୃତ ଅର୍ଥ ମୋତେ ଜଣାଥିଲା ଜଣେ ବୁଲାଟିଆ ବାବାଜୀ ବୋଲି ।
ମୋ କଥା ଶୁଣିବା କ୍ଷଣି ସମସ୍ତେ ସେ ଗଛ ପାଖକୁ ଚାହିଁଲେ । ସତକୁ ସତ ସେଇଠି ମୋ ବାବା ଠିଆ ହୋଇ ଆମ ସମସ୍ତଙ୍କୁ ଦେଖୁଥିଲେ ।ଆଶ୍ଚର୍ଯ୍ୟ ହୋଇଗଲେ ସମସ୍ତେ ।ଦାଦା ମୋ ବୋଉଙ୍କୁ ଡାକି କହିଲେ, ବୋହୂ ମା' ବାୟା ଆସିଲାଣି । ସେତେବେଳେ



ସୁଚରିତା ମହାନ୍ତି

ସମସ୍ତଙ୍କ ଭିତରେ ଗୋଟିଏ ଖୁସିର ଲହରୀ ଖେଳିଯାଇଥିଲା ।
ମୁଁ କିଛି ନବୁଝି ହସୁଥିଲି । କହୁଥିଲି ବାୟା ଆସିଛି ।
କିନ୍ତୁ ସେ ମୋ ବାବା ଥିଲେ ।ଯାହାଙ୍କୁ ବୁଝିବାକୁ,ବାପା ବୋଲି ଗ୍ରହଣ କରିବାକୁ ମୋତେ ଦୀର୍ଘ ସମୟ ଲାଗିଥିଲା ।
ଅନ୍ୟ ଭାଇଭଉଣୀ ତାଙ୍କୁ ଯେତିକି ଭୟ କରୁଥିଲେ ଓ ସମ୍ମାନ ଦେଉଥିଲେ,ମୁଁ କିନ୍ତୁ ତାଙ୍କୁ କେବେ ଭୟ କରୁନଥିଲି ସାଙ୍ଗ ବୋଲି ଭାବି ତାଙ୍କ ସହିତ ଖେଳୁଥିଲି ।
ଚାନ୍ଦବାଲିରେ ତାଙ୍କ ସହିତ ରହି ପାଠ ପଢ଼ିବା ପାଇଁ ଜିଦ୍ କଲି ।ସେ ମୋତେ ତାଙ୍କ ପାଖକୁ ନେଇଗଲେ ।ନିଜେ ରୋଷେଇ କରି ଖୁଆଇ ଦେଉଥିଲେ ।ଦେହ ଖରାପ ହେଲେ ଭାରି ବ୍ୟସ୍ତ ହୋଇପଡୁଥିଲେ ।
କାହିଁକି କେଜାଣି ଏବେ ତାଙ୍କ କଥା ବହୁତ ମନେ ପଡୁଛି ।ତାଙ୍କ ଡାକ ବାରମ୍ବାର ଶୁଭୁଚି ।ବାବା ଶେଷ ସୂର୍ଯ୍ୟାସ୍ତ ଦେଖିବା ଯାକେ ମୋତେ ଚିଠି ଲେଖୁଥିଲେ । ପ୍ରତ୍ୟେକ ଚିଠିରେ ଆଶୀର୍ବାଦ ସହିତ ଅନେକ କିଛି ଉପଦେଶ ଦେଉଥିଲେ ।
ମୋ ପାଇଁ ସବୁସମୟରେ ସେ ବ୍ୟସ୍ତ ହେଉଥିଲେ ।
ଦିନେ ଫୋନ୍ ନକଲେ ବାରମ୍ବାର ଘରେ ସମସ୍ତଙ୍କୁ ପଚାରୁଥିଲେ,ତା' ଦେହ ଭଲ ଅଛି ତ ।ସେ କାହିଁକି ଫୋନ୍ କରିନାହିଁ ତାକୁ ଫୋନ୍ କରି ବୁଝ । ହୁଏତ ବାବା ମୋତେ ବେଶି ଭଲ ପାଉଥିଲେ ।ବାପାମାନେ ବୋଧେ ଏମିତି ।ବାବାଙ୍କର ପ୍ରତିଟି କଥା ପ୍ରତିଟି କାମ ମନେ ପଡ଼ିଲେ କାହିଁକି କେଜାଣି ମୁଁ ନିଜକୁ ସମ୍ଭାଳି ପାରେନି ।ମୋ ହାତ ରୋଷେଇ ଏବଂ ମୋ ହାତରୁ ଖାଇବାକୁ ସେ ବହୁତ ଭଲ ପାଉଥିଲେ ।ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠା କଲେ ସେ ଅନେଇ ରହିଥାନ୍ତି, ମୁଁ କେତେବେଳେ ପଠେଇବି ।ସେ ମୋ ଦାଦାଙ୍କର ବଡ଼ ପୁଅ ଥିଲେ ।ପଢୁଆଁ ପୁଅ ।ସବୁବର୍ଷ ପ୍ରଥମାଷ୍ଟମୀ ଆସୁଛି,ଏଣ୍ଡୁରି ପିଠା ହେଉଛି ହେଲେ ମୋ ବାବା ନାହାଂତି । ପିଠା ତିଆରି କରିସାରିବା ପରେ ଇଛା ହୁଏ ବାବା ପୁଣି ଆସନ୍ତେନି ପିଠା ଖାଇବାକୁ !

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ



# ଗ୍ଲୋବାଲ ସିକ୍ୟୁରିଟି ଇନଷ୍ଟିଟ୍ୟୁଟର ମୁଖ୍ୟ ଜୋନାଥନ ଗ୍ରାନଫଙ୍କୁ କିସ ଜୀବନବ୍ୟାପୀ ସାଧନା ପୁରସ୍କାର





ଭୁବନେଶ୍ବର,(ପି.ଏନ): ବିଶ୍ୱ ଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ ସିକ୍ୟୁରିଟି ଇନଷ୍ଟିଚ୍ୟୁଟର ସଭାପତି ଜୋନାଥନ ଗ୍ରାନଫଙ୍କୁ ଶନିବାର କିସ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଗ୍ରାନଫ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି । ଏ ନେଇ ସେ ଆମେରିକା ସଂସଦ, ବ୍ରିଟେନ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି । ଗ୍ରାନଫ ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି । ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର ଆସୋସିଏସନ ୨୦୨୦ରେ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରିଥିଲେ । ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ କିସର ଉଚ୍ଚ ପ୍ରଶଂସା କରିଥିଲେ । ସେ ତାଙ୍କ ଅଭିଭାଷଣରେ କିସକୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ । ସେ କହିଲେ, ସେ ସାରା ଜୀବନ ବିବେକ ସହ ସମନ୍ୱୟ ରଖି ବଂଚିବାକୁ ଚେଷ୍ଟା କରିଆସିଛନ୍ତି । ଜନଜାତି ସମ୍ପ୍ରଦାୟର ପିଲାମାନେ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ କିସ ଓ କିଟ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାନଫ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ ଗିଭିଂ ସମ୍ପର୍କରେ ଉଲ୍ଲେଖ କରି କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ । ଆର୍ଟ ଅଫ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ । ଗ୍ରାନଫ ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବେ ଜଳବାୟୁ ସଙ୍କଟ, ପରିବେଶ ଅବକ୍ଷୟ ଓ ଗଣବିନାଶର ଅସ୍ତ୍ର ଉପରେ ରୋକ ଲଗାଇବା ନେଇ ଗୁରୁତ୍ୱାରୋପ କରିଥିଲେ ।ଗ୍ରାନଫଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ ନିଜକୁ ଧନ୍ୟ ମନେକରୁଛି ବୋଲି କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ସଂଖ୍ୟାରେ କିଟ ଓ କିସର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଚିତ୍ରେଶ୍ୱର ଦେବଙ୍କ କମ୍ୟୁନିଟ୍ ସେଂଟର୍ ନିର୍ମାଣର ଭିତି ପ୍ରସ୍ତର ସ୍ଥାପନ



ବାଲିଅନ୍ତା,(ପି.ଏନ): ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାର ରାଜ୍ୟର ବିକାଶ ପାଇଁ ନୂଆ ଯୋଜନା ' ବିକଶିତ ଗାଁ ଓ ବିକଶିତ ଓଡିଶା' ଯୋଜନାରେ ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଯଶୁଆପୁର ଗ୍ରାମର ଆରାଧ୍ୟ ଦେବତା ଚିତ୍ରେଶ୍ୱର ମନ୍ଦିର ପରିସରରେ ଟ ୪ଲକ୍ଷ ୨୬ ହଜାର ଟଙ୍କାରେ କମ୍ୟୁନିଟି ସେଂଟରର ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ରମାଲତା ନାୟକ ଯୋଗଦାନ କରି ଭତି ପ୍ରସ୍ତର ସ୍ଥାପନ କଲେ । ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୁବସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ୱାର୍ଡ ସଭ୍ୟା ସତ୍ୟଭାମା ସ୍ୱାଇଁଙ୍କ ସହିତ ଗ୍ରାମର ବରିଷ୍ଠ ବ୍ୟକ୍ତି ଜୟକୃଷ୍ଣ ମହାପାତ୍ର, ନଳିନୀକାନ୍ତ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ , ପ୍ରିୟବ୍ରତ ପାତ୍ର ଓ ସହଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିଶୁ ଦିବସ ମହାସମାରୋହରେ ପାଳିତ



ଜଗତସିଂହପୁର ,(ପି ଏନ) ଜଗତସିଂହପୁର ର ବାଲିକୁଦା ଥାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପବିତ୍ର ଜନ୍ମତିଥି ଅବସରରେ ଶିଶୁ ଦିବସ ସମାରୋହ ପାଳିତ ହୋଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ରମେଶ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଧାରଣ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଉଓରଞ୍ଜ ପରିସରରେ ଥିବା ବଗିଚା ଭିତରେ କର୍ମଚାରୀବୃନ୍ଦ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପନ୍ନ କରାଯାଇଥିଲା । ପରବର୍ତୀ ସମୟରେ ପ୍ରବନ୍ଧ, କବିତା ଆବୃତି, ଭାଷଣ, ନୃତ୍ୟ, ଗୀତ, ରଙ୍ଗୋଲୀ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ଉମାଦେଇ ବ୍ରହ୍ମପୁର ପଂଚାୟତରେ ନିଆରା ଭାବେ ଶିଶୁ ଦିବସ ପାଳିତ



ବାଲିଅନ୍ତା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଂଚାୟତର ସରପଂଚ ରମାଲତା ନାୟକ ନେତୃତ୍ୱରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ନେହୁରଙ୍କ ଜନ୍ମ ତଥା ଶିଶୁ ଦିବସ ଅବସରରେ ପଂଚାୟତରେ ଥିବା ଆଠ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ରନ୍ଥ ସହିତ ପିଲାମାନଙ୍କୁ ମିଠା ବଂଟନ କରିଥିଲେ । ଅଙ୍ଗନୱାଡ଼ି କେନ୍ଦ୍ରରେ କୁନି କୁନି ପିଲାମାନେ ବିଭିନ୍ନ ପ୍ରକାର ବେଶ ସହିତ ନେହୁରୁ, ଗାନ୍ଧୀ, ରାଧା ଓ କୃଷ୍ଣ ବେଶରେ ଖୁବ ସୁନ୍ଦର ସାଜସଜ୍ଜା ବହୁ ଉଚ୍ଚ କୋଟିର ଦେଖିବାକୁ ମିଳିଥିଲା । ଶିଶୁ ଦିବସକୁ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ସୁନ୍ଦର ଭାବେ ସାଜସଜ୍ଜା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସୋମନାଥ ଖଟେଇ, ହରେକୃଷ୍ଣ ମହାରଣା, ଉମାକାନ୍ତ ବେହେରା ଓ କାର୍ତିକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ବିହାର ଓ ଓଡିଶା ଉପନିର୍ବାଚନରେ ବିଜେପି ର ବିପୁଳ ବିଜୟ ନେଇ ପାରାଦୀପରେ ବିଜୟ ଉତ୍ସବ ପାଳନ



ପାରାଦୀପ,(ପି.ଏନ):ବିହାର ଓ ଓଡ଼ିଶାର ନୂଆପଡା ଉପନିର୍ବାଚନରେ ବିଜେପି ଦଳ ପ୍ରାର୍ଥୀଙ୍କର ବିପୁଳ ବିଜୟକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ ନଗର ବିଜେପି ପକ୍ଷରୁ ବାଜା ଓ ବାଣ ଫୁଟାଇ ବିଜୟ ଉଲ୍ଲାସ ପାଳନ କରାଯାଇଛି । ଏହି ଅଦଭୂତ ବିଜୟରେ ରାଜ୍ୟ ଠାରୁ ରାଜଧାନୀ ପର୍ଯ୍ୟନ୍ତ ବିଜୟ ଉତ୍ସବ ପାଳନ କରାଯାଇଥିବା ବେଳେ ପାରାଦୀପ ନଗର ବିଜେପି ପକ୍ଷରୁ ବାଜା ବଜାଇ ବାଣ ଫୁଟାଇ ଗୀତର ତାଳେ ତାଳେ ନାଚି ମସଗୁଲ ହୋଇଥିଲେ ସ୍ଥାନୀୟ ନେତା ଓ କର୍ମୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହେଉଥିଲା ଥାନା ଓ ନୂଆବଜାର ଛକ । ଏପରିକି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଉ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ କର୍ମୀମାନେ । ପାରାଦୀପ ଆଦର୍ଶ ଥାନା ଛକରେ ସତେ ଯେମିତି ଦୀପାବଳି ର ଭ୍ରମ ସୃଷ୍ଟି କରିଥିଲା । ପୌରପାଳିକା ଅଧୀନରେ ଥିବା ବିଭିନ୍ନ ୱାର୍ଡରୁ ନେତା, ନାରୀନେତ୍ରୀଙ୍କ ସହ କର୍ମୀ ଶୁଭେଚ୍ଛୁ ଏବଂ ବିଜେପି ଦଳକୁ ଭଲପାଉଥିବା ଶୁଭେଚ୍ଛୁ ମାନେ ଏକତ୍ରିତ ହୋଇ ନିଜ ନିଜ ଭିତରେ ମିଠା ଖୁଆଇ ଖୁସିରେ ମସଗୁଲ ଥିଲେ । ଏହି ପରିପ୍ରେକ୍ଷୀରେ ଶିକ୍ଷମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ନୂଆପଡା ବାସୀ ଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏହି ବିପୁଳ ବିଜୟ ପାଇଁ ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ ।

# କୋଣାର୍କ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ




କୋଣାର୍କ ,(ପି.ଏନ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଅଂଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆର୍ଥିକ ସହାୟତାରେ ଜନଜାତି ସଂପ୍ରଦାୟର ଜନକ ଭଗବାନ ବିର୍ସାମୁଣ୍ଡା ଙ୍କ ୧୫୦ ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟୋକଲ) ନୀଳ ମାଧବ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମମତା ରାଣୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିର୍ସାମୁଣ୍ଡା ଙ୍କ ୧୫୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇ ଯୋଗଦେଇ ଜନଜାତି ସଂପ୍ରଦାୟର ଜନକ ଓ ପଥ ପ୍ରଦର୍ଶକ ହେଉଛନ୍ତି ଭଗବାନ ବିର୍ସାମୁଣ୍ଡା । ଜନଜାତି ସଂପ୍ରଦାୟର କୌଣସି ବି ଛାତ୍ର ଛାତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ସେମାନଙ୍କ ଅଭିବୃଦ୍ଧି ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜନନାୟକ ବିର୍ସାମୁଣ୍ଡା ଙ୍କ ନିଃସ୍ୱାର୍ଥପର ଜନସେବା ଓ ଐତିହାସିକ ପଦକ୍ଷେପ ଯୁଗେ ଯୁଗେ ଅବିସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀ ବିଶ୍ୱନାଥ ପଣ୍ଡା, ପିପିଲି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରଣବ ପଣ୍ଡା, ଗୋପ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀନିବାସ ମହାନ୍ତି, ସତ୍ୟବାଦୀ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଜନନାୟକ ବିର୍ସାମୁଣ୍ଡା ଙ୍କ ଅମ୍ଳାନ କୀର୍ତୀ ଓ ବହୁମୁଖୀ ପ୍ରତିଭାର ନିଃସ୍ୱାର୍ଥପର ଜନସେବା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନୟନା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବନଜା ମହାନ୍ତି ଓ ଚିନ୍ମୟୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିର୍ସାମୁଣ୍ଡା ଙ୍କ ଜୀବନି ଓ ଜନସେବା ଦିଗରେ ଉଲ୍ଲେଖନୀୟ କୃତିତ୍ୱ ଉପରେ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା ।ଜନଜାତି ସଂପ୍ରଦାୟର ଗାଁ ହାଟ ଉପରେ ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ଦୀପିକା ଜେନା, ଅମିୟା ପ୍ରିୟ ଦର୍ଶନୀ ଧାରୁଆ, ରୀତା କୁମାରୀ ବଡଗାଇଁଆ, ସିଲା ଭଞ୍ଜ ଓ ଶିକ୍ଷକ ଅର୍ଜୁନ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray